ସାପ୍ତାହିକ

Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweekar ସ୍ୱୀକାର

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା

RNI No. 66443/94

Vol.28 | Issue - 23 | 09 - 15 June 2024 | Sambalpur | Pages- 8 | Invitation Price Rs.10



## ସମ୍ବଲପୁର ଲୋକସଭା ଆସନରେ ଧର୍ମେନ୍ଦ୍ରଙ୍କ ବାଜିମାତ

ସମ୍ବଲପୁର : ସାରା ଦେଶରେ ଚର୍ଚ୍ଚାରେ ଥିବା ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ଧର୍ମେନ୍ଦ୍ର ପ୍ରଧାନ ନିଶ୍ଚିତ ଭାବେ ଜିତିବେ ବୋଲି ନିର୍ବାଚନ ଘୋଷଣା ହେବା ଦିନ ଠାରୁ ଯେଉଁ ଆଲୋଚନା ହେଉଥିଲା ତାହା ସତ ହୋଇଛି । ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଯାହାକୁ ବି ପଚାରିଲେ ସେମାନେ ଗୋଟିଏ ଲାଇନରେ ଏଠାରୁ ବିଜେପି ବିଜୟୀ ହେବ ବୋଲି କହୁଥିଲେ । କେବଳ କେତେ ବ୍ୟବଧାନରେ ବିଜୟୀ ହେବେ ତାହା ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା । ଏହି ଆସନରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଲକ୍ଷେ ୧୯ ହଜାର ୮୩୬ ଭୋଟ୍‌ରେ ପରାସ୍ତ କରିଛନ୍ତି । ବିଜେଡିର ସମସ୍ତ ଆକଳନକୁ ଭୁଲ ପ୍ରମାଣିତ କରି ସେ ବଡ଼ ବ୍ୟବଧାନରେ ଜିତିଛନ୍ତି । ସମ୍ବଲପୁର ଲୋକସଭା ଆସନର ଆଠମଲ୍ଲିକକୁ ଛାଡି ଅନ୍ୟ ୬ଟି ବିଧାନସଭା ଆସନରେ ଧର୍ମେନ୍ଦ୍ର ଅଗ୍ରଣୀ ହାସଲ କରି ୫,୯୨,୧୬୨ ଖଣ୍ଡ ଭୋଟ୍ ପାଇଛନ୍ତି । ଅନ୍ୟପଟେ, ପ୍ରଣବ ପ୍ରକାଶ ୪,୭୨,୩୨୬ ଖଣ୍ଡ ଭୋଟ୍ ପାଇଛନ୍ତି । ପୂର୍ବତନ ସାଂସଦ ତଥା କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ମାତ୍ର ୮୯,୧୧୩ ଭୋଟ୍ ପାଇଛନ୍ତି ।

ସମ୍ବଲପୁର ଲୋକସଭା ପାଇଁ ଆରମ୍ଭରୁ ହାଇ ଭୋଲ୍‌ଟେଜ୍ ପ୍ରଚାର ହୋଇଥିଲା । ୨ ଦଳର ହେଭିଓ୍ୱେଟ୍ ନିର୍ବାଚନରେ ମୁହାଁମୁହିଁ ହୋଇଥିବାରୁ ଏହି ଆସନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଗତ ୨୦୧୯ରେ ଏହି ଆସନରେ ବିଜେପି ବିଜୟୀ ହୋଇଥିଲା । ହେଲେ ୫ ବର୍ଷରେ ପୂର୍ବତନ ସାଂସଦଙ୍କ



ପ୍ରତି ଲୋକଙ୍କ ସେଭଳି ସମର୍ଥନ ଦେଖିବାକୁ ମିଳି ନ ଥିଲେ ମଧ ଧର୍ମେନ୍ଦ୍ର ପ୍ରଧାନ ପ୍ରାର୍ଥୀ ହେବା ପରେ କର୍ମୀଙ୍କ ମହଲରେ ଉତ୍ସାହ ସୃଷ୍ଟି ହୋଇଥିଲା । ଧର୍ମେନ୍ଦ୍ରଙ୍କ ପ୍ରାର୍ଥୀତ୍ୱ ଘୋଷଣା ହେବା ପରେ ବିଜେଡି ନିଜର ସାଙ୍ଗଠନିକ ସମ୍ପାଦକଙ୍କୁ ରଣାଙ୍ଗନରେ ଓହ୍ଲାଇଥିଲା । ଯାହାକୁ ନେଇ ରାଜନୀତି ଅଧିକ ସରଗରମ ହୋଇଥିଲା । ୨ ଦଳ ନିର୍ବାଚନ ପ୍ରଚାରରେ କଡ଼ା ମୁକାବିଲା କରିଥିଲେ ମଧ ଧର୍ମେନ୍ଦ୍ର ବିଜୟ ହାସଲ କରିଛନ୍ତି । ଧର୍ମେନ୍ଦ୍ର ପ୍ରଧାନ ରେଙ୍ଗାଲି ବିଧାନସଭା ଆସନରୁ ୮୦୨୬୮, ସମ୍ବଲପୁରରୁ ୭୭୧୪୮, କୁଚିଣ୍ଡାରୁ ୯୮୪୭୫,ରେଢ଼ାଖୋଲରୁ ୭୦୮୪୧, ଦେବଗଡ଼ରୁ ୯୦୨୧୪, ଛେଣ୍ଡିପଦାରୁ ୯୩୧୬୫ ଏବଂ ଆଠମଲ୍ଲିକରୁ ୮୨୦୫୧ ଖଣ୍ଡ ଭୋଟ୍ ପାଇଛନ୍ତି ।

ବିଜେଡିର ଗଡ଼ କୁହାଯାଉଥିବା ଛେଣ୍ଡିପଦା, ରେଢ଼ାଖୋଲରେ ଦଳ ପଛୁଆ ରହିଥିବା ବେଳେ ଆଠମଲ୍ଲିକରୁ ଯେଭଳି ଲିଡ୍ ପାଇବା କଥା ସେମିତି ହୋଇପାରିଲା ନାହିଁ । ଯାହାକି ବିଜେଡି ପରାଜୟର ବଡ଼ କାରଣ ବୋଲି କୁହାଯାଉଛି । କାରଣ ପୂର୍ବରୁ ୩ଟି ଲୋକସଭା ଆସନର ଅଙ୍କକୁ ଦେଖିଲେ ବିଜେଡି ଏହି ୩ ଆସନରେ ଲଗାତାର ଭାବେ ବଡ଼ ବ୍ୟବଧାନରେ ଲୋକସଭା ଆସନ ପାଇଁ ଭୋଟ୍ ପାଇଥାଏ । ହେଲେ ଏଥର ସେଭଳି କିଛି ଦେଖାଗଲା ନାହିଁ । ସେଠାରୁ ଧର୍ମେନ୍ଦ୍ର ପ୍ରଧାନ ଅଧିକ ଭୋଟ୍ ସାଉଁଟିଥିଲେ । ସେହିଭଳି ଓଡ଼ିଆ ଅସ୍ମିତାକୁ ନେଇ ରାଜ୍ୟ ସରକାରଙ୍କୁ ଆରମ୍ଭରୁ ଟାର୍ଗେଟ୍ କରିଥିଲେ ଧର୍ମେନ୍ଦ୍ର ପ୍ରଧାନ । ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉନ୍ନୟନମୂଳକ କାମ, ଧାନର ଏମ୍‌ଏସ୍‌ପି ବୃଦ୍ଧି, ସୁଭଦ୍ରା ଯୋଜନା ଭଳି ଆକର୍ଷଣୀୟ ଯୋଜନାକୁ ପ୍ରସଙ୍ଗ କରିଥିଲେ । ଯାହାକୁ ନେଇ ଲୋକଙ୍କ ମଧରେ ଉତ୍ସାହ ବଢ଼ିଥିବା କୁହାଯାଉଛି ।

## ଜୟନାରାୟଣ ପଞ୍ଚମ ଥର ପାଇଁ ହେଲେ ବିଧାୟକ

ସମ୍ବଲପୁର : ପ୍ରତିଦ୍ୱନ୍ଦୀଙ୍କୁ ଅକଳରେ ପକାଇ ବାଜି ପଲଟାଇବାରେ ମାହିର ଜୟନାରାୟଣ ମିଶ୍ର ପଞ୍ଚମ ଥର ପାଇଁ ସମ୍ବଲପୁର ବିଧାୟକ ହୋଇଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀଙ୍କୁ ୪୧୦୫ ଭୋଟ୍‌ରେ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ଆରମ୍ଭରୁ ଜନ ଅସନ୍ତୋଷର ସାମ୍ନା କରିବା ସତ୍ତ୍ୱେ ସେ ନିଜ ଗଡ଼ ବଞ୍ଚାଇବାରେ ସଫଳ ହୋଇଛନ୍ତି । ଜୟ ନାରାୟଣ ତାଙ୍କ



### ସମ୍ବଲପୁର ବିଧାନସଭା କ୍ଷେତ୍ରରେ ବିରଳ ରେକର୍ଡ

ଅସୁସ୍ଥତା ପାଇଁ ବାଧ ହୋଇ ଗତ କିଛିବର୍ଷ ହେବ ନିର୍ବାଚନ ମଣ୍ଡଳୀରେ ଅନୁପସ୍ଥିତ ରହିବା ନ ଦର୍ଶାଇ ସେ ପାଞ୍ଚବର୍ଷ ହେବ ନିର୍ବାଚନ ମଣ୍ଡଳୀରୁ ଉଭାନ ହୋଇ କୌଣସି କାମ କରି ନ ଥିବା ତାଙ୍କ ବିରୋଧୀମାନେ ବ୍ୟାପକ ପ୍ରଚାର କରିଥିଲେ । ୨୦୦୪ ରୁ ୨୦୦୯ ସେ ପରିବହନ ମନ୍ତ୍ରୀ ଥିବାବେଳେ ସମ୍ବଲପୁରରେ ଏକ ବସଷ୍ଟେଣ୍ଡ ତିଆରି ନ କରି ପାରିବା ତାଙ୍କର ପ୍ରମୁଖ ବିଫଳତା ବୋଲି ପ୍ରଚାର କରିଥିଲେ । ଏହାଛଡ଼ା ସେମାନେ ତାଙ୍କୁ 'ଗୁଣ୍ଡା'ର ଆଖ୍ୟା ଦେଇ ତାଙ୍କ ବିରୋଧରେ ଥିବା ଅନେକ ମୋକଦ୍ଦମାକୁ ପ୍ରଚାରର ଅସ୍ତ୍ର କରିଥିଲେ । ଏପରିକି ତାଙ୍କର ଦଳର କେତେକ ନେତା ମଧ ବିରୋଧୀଙ୍କ ସହ ମିଶି ଅନ୍ତର୍ଘାତୀ କାର୍ଯ୍ୟରେ ଲିପ୍ତ ଥିବାର ଶୁଣିବାକୁ ମିଳୁଥିଲା । ଏହାସତ୍ତ୍ୱେ ଜୟନାରାୟଣ ଗତବର୍ଷ ହନୁମାନ ଜୟନ୍ତୀ ବେଳେ ସମ୍ବଲପୁରରେ ଦେଖା ଦେଇଥିବା ହିଂସା ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବ୍ୟାଞ୍ଚ ପ୍ରତିଷ୍ଠା ଦାବି କରି ଆନ୍ଦୋଳନ କରିଥିବା ସମ୍ବଲପୁର ଓକିଲ ସଂଘର ଓକିଲ ମାନଙ୍କୁ ଜେଲ୍‌ରେ ପୁରେଇବା ଘଟଣାକୁ ମୁଖ୍ୟ ପ୍ରସଂଗ କରି ନିର୍ବାଚନୀ ବୈତରଣୀ ପାର ହୋଇ ଦଳ ମଧରେ ଥିବା ତାଙ୍କ ବିରୋଧୀଙ୍କ ପାଟି ଚୁପ୍ କରାଇବାକୁ ସକ୍ଷମ ହେବା ସଙ୍ଗେ ସଙ୍ଗେ ଭୋଟରମାନଙ୍କ ତାଙ୍କ ପ୍ରତି ବର୍ତ୍ତମାନ ମଧ ଅତୁଟ ବିଶ୍ୱାସ ରହିଥିବା ପ୍ରମାଣ କରି ଦେଇଛନ୍ତି । ଏଥିରେ ବିଜେଡି ଦଳରୁ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ଇସ୍ତଫା ଜୟନାରାୟଣଙ୍କ ପାଇଁ ଆଶିର୍ବାଦ ହୋଇଥିବା କୁହାଯାଉଛି ।

ଜୟନାରାୟଣଙ୍କୁ ମୋଟ ୫୯ ହଜାର ୮୨୭ ଖଣ୍ଡ ଭୋଟ୍ ମିଳିଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡ଼ିର ରୋହିତ ପୂଜାରୀଙ୍କୁ ୫୫ ହଜାର ୭୨୨ ଖଣ୍ଡ ଭୋଟ୍ ମିଳିଥିଲା । ଜୟନାରାୟଣ ଏହି ବିଜୟ ପରେ ପ୍ରଥମେ ସମଲେଶ୍ୱରୀ ମନ୍ଦିର ଯାଇ ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ । ପରେ ସେଠାରୁ ପାଟଣେଶ୍ୱରୀ, ବ୍ରହ୍ମପୁରା, ହନୁମାନ ମନ୍ଦିର ତଥା ଶ୍ରୀରାମ ମନ୍ଦିର ଯାଇ ସେଠାରେ ମଧ ପୂଜାର୍ଚ୍ଚନା କରିଥିଲେ । ଶ୍ରୀ ମିଶ୍ର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବାସଭବନକୁ ଯାଇ ମଧ ତାଙ୍କର ଆଶିର୍ବାଦ କାମନା କରିଥିଲେ ।

ପ୍ରକାଶ ଥାଉକି ଜୟନାରାୟଣ ପ୍ରଥମେ ୨୦୦୦ ମସିହାରେ ପ୍ରଥମ କରି ସମ୍ବଲପୁର ବିଧାନସଭା ଆସନରୁ ବିଜୟୀ ହୋଇଥିଲେ । ଏହା ପରେ ୨୦୦୪ ଓ ୨୦୦୯ରେ ମଧ ବିଜୟୀ ହୋଇ ଲଗାତାର ଭାବେ ସମ୍ବଲପୁର ବିଧାନସଭା ଆସନରୁ ବିଜୟରେ ହ୍ୟାଟ୍ରିକ୍ ଅର୍ଜନ କରି ରେକର୍ଡ ସୃଷ୍ଟି କରିଥିଲେ । ୨୦୧୪ ବିଧାନସଭା ନିର୍ବାଚନରେ ପରାସ୍ତ ହେବାପରେ ପୁଣି ୨୦୧୯ ଓ ୨୦୨୪ରେ କ୍ରମାଗତ ଭାବେ ବିଜୟ ହାସଲ କରି ସେ ନିଜ ରେକର୍ଡ ଭଙ୍ଗ କରିଛନ୍ତି । ପୂର୍ବରୁ ସମ୍ବଲପୁର ବିଧାନସଭା ଆସନରୁ ଭିକାରୀ ଘାସି, ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ଦୁର୍ଗା ଶଙ୍କର ପଟ୍ଟନାୟକ କ୍ରମାଗତ ଦୁଇ ଥର ଲେଖାଏଁ ନିର୍ବାଚିତ ହୋଇଥିଲେ ।

## ସର୍ବାଧିକ ବ୍ୟବଧାନରେ ଜିତିଲେ ପ୍ରଦୀପ



ବରଗଡ଼ : ଓଡ଼ିଶାର ୨୧ ଜଣ ସାଂସଦଙ୍କ ମଧରୁ ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ବିଜେପି ପ୍ରାର୍ଥୀ ଶ୍ରୀ ପ୍ରଦୀପ ପୁରୋହିତ ଏକ ବିରଳ ରେକର୍ଡ଼ ସ୍ଥାପନ କରିଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡ଼ିର ପରିଣୀତା ମିଶ୍ରଙ୍କୁ ଅଢ଼େଇ ଲକ୍ଷ ଭୋଟ୍ ବ୍ୟବଧାନରେ ପରାସ୍ତ କରି ଜୟଲାଭ କରିଛନ୍ତି ।

## ଜାଏଣ୍ଟ କିଲର୍ ଇରାଶିଷ

ସମ୍ବଲପୁର : ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆଇନରେ ସ୍ନାତକ ଏବଂ ଲଣ୍ଡନ କ୍ୟାମ୍ବ୍ରିଜ୍‌ରେ ସ୍ନାତକୋତ୍ତର କରିଥିବା ଇରାଶିଷ ଆଚାର୍ଯ୍ୟ ସହକାରୀ ପ୍ରାଧାପକରୁ ବିଧାୟକ ହୋଇଛନ୍ତି । ଏଥିସହିତ ଦୀର୍ଘବର୍ଷ ଧରି ଭଟଲି ବିଧାନସଭାରେ ସୁଶାନ୍ତ ସିଂଙ୍କ ରହିଥିବା ପ୍ରଭାବ କ୍ଷୁର୍ଣ୍ଣ ହୋଇଛି । ସୁଶାନ୍ତ ୨୦୦୯, ୨୦୧୪ ଓ ୨୦୧୯ ତିନିଥର ଭଟଲି



ବିଧାୟକ ହୋଇ ହ୍ୟାଟ୍ରିକ୍ କରିବା ସହିତ ରାଜ୍ୟ ମନ୍ତ୍ରୀମଣ୍ଡଳରେ ମଧ ରହିଥିଲେ । ଗତ ୨୦୧୯ ଓ ଚଳିତ ଥର ୨୦୨୪ରେ ଲଗାତାର ଦୁଇ ଥର ଇରାଶିଷ ଓ ସୁଶାନ୍ତଙ୍କ ମଧରେ ମୁହାଁମୁହିଁ ସ୍ଥିତି ରହିଥିବା ବେଳେ ଏଥର ସୁଶାନ୍ତଙ୍କୁ ଇରାଶିଷ ପରାଜିତ କରିଛନ୍ତି । ପ୍ରାୟତଃ ରାଜନୈତିକ ହିଂସାକୁ ନେଇ ଏହି ଆସନ ସବୁବେଳେ ଚର୍ଚ୍ଚାରେ ରହିଥିଲା । ପ୍ରକାଶଥାଉ କି, ବିଶିଷ୍ଟ କବିରାଜ, ପରିବେଶବିତ୍ ତଥା ସାହିତ୍ୟିକ ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ନାତି ଏବଂ ଜଣାଶୁଣା ଡାକ୍ତର ସୁନୀଲ ଆଚାର୍ଯ୍ୟଙ୍କ ପୁଅ ଇରାଶିଷ କିଟ୍ କଲେଜରୁ ଅଧାପନା ଛାଡ଼ି ରାଜନୀତିରେ ଯୋଗ ଦେଇଥିଲେ ।

## ଝାରସୁଗୁଡ଼ାରେ ବିଜେପି ଖାତା ଖୋଲିଲେ ଟଙ୍କଧର

ଝାରସୁଗୁଡା: ଝାରସୁଗୁଡା ବିଧାନସଭା ଆସନରେ ଖାତା ଖୋଲିଲା ବିଜେପି । ଦଳର ଲଢୁଆ ଯୁବନେତା ଟଙ୍କଧର ତ୍ରିପାଠୀ ବିଜେଡିର ଦୀପାଳି ଦାସଙ୍କୁ ୧୩୩୩ ଭୋଟରେ ପରାସ୍ତ କରି ପ୍ରଥମ ବିଜେପି ବିଧାୟକ ହେବାର ରେକର୍ଡ କରିଛନ୍ତ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକାନ୍ତ ଅନୁଗତ ଟଙ୍କଧର ଝାରସୁଗୁଡାରେ ବିଜେପିର ବିଜୟ ବାନା ଉଡ଼ାଇ ଇତିହାସ ରଚିଥିବା ଚର୍ଚ୍ଚା ହେଉଛି । ନବ ଦାସଙ୍କ ହତ୍ୟା ପରେ ହୋଇଥିବା ଉପନିର୍ବାଚନରେ ଟଙ୍କଧର ପ୍ରତିଦ୍ୱନ୍ଦିତା କରିଥିଲେ ହେଁ ଆଶାନୁରୂପ ଭୋଟ ପାଇ ନ ଥିଲେ । ତେବେ ଏହି ନିର୍ବାଚନରେ ସେ ବାଜିମାତ କରିଛନ୍ତି । ଶ୍ରୀ ତ୍ରିପାଠୀ ୯୧,୦୦୫ ଭୋଟ୍ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ୮୯,୭୭୨ ଭୋଟ ପାଇଛନ୍ତି । ଚଳିତ ଥର ନିର୍ବାଚନୀ ମଇଦାନରେ ଥିବା କଂଗ୍ରେସ ପ୍ରାର୍ଥୀ ଅମିତା ବିଶ୍ୱାଳ ୫୭୭୫ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି । ବହୁଜନ ସମାଜ ପାର୍ଟିର କାର୍ତ୍ତିକେଶ୍ୱର ଘୁଗର ୭୨୧, ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରା ୬୩୦, ସ୍ୱାଧୀନ ପ୍ରାର୍ଥୀ ସଞ୍ଜିତା କିଷାନ ୫୯୧, ନ୍ୟାସନାଲ ଅପନି ପାର୍ଟି



ପ୍ରାର୍ଥୀ କଳାକାର ନାଏକ, ସ୍ୱାଧୀନ ପ୍ରାର୍ଥୀ ସାଧନା ପାଣ୍ଡେ ୫୬୩ ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାରେ ୧୨୯୭ଟି ଭୋଟ ପଡିଛି ।

## ପ୍ରଥମଥର ପରାଜୟ ସାମ୍ନା କଲେ ନବୀନ

ଭୁବନେଶ୍ୱର : ଦୀର୍ଘ ୨୫ବର୍ଷ ଧରି କ୍ଷମତାରେ ଥିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ । ରାଜ୍ୟରେ ଆଞ୍ଚଳିକ ଦଳଭାବେ ବିଜେଡି ଆତ୍ମପ୍ରକାଶ କରିବା ଦିନରୁ ବିଜେଡିର ସଭାପତି ସହିତ ମୁଖ୍ୟମନ୍ତ୍ରୀ ପଦରେ ନବୀନ ରହି ଆସିଛନ୍ତି ।



ପ୍ରତିଟି ନିର୍ବାଚନରେ ବିଜେଡିକୁ ରାଜ୍ୟବାସୀ ଅକୁଣ୍ଠ ସମର୍ଥନ ଦେଇଆସିଥିଲେ । ୨୦୨୪ରେ ସବୁ ଓଲଟ ପାଲଟ ହୋଇଯାଇଛି । ଏହାକୁ ବିଜେଡି ସଭାପତି କି ଦଳର କୌଣସି ନେତା ବିଶ୍ୱାସ କରିପାରୁ ନାହାନ୍ତି । ୨୫ବର୍ଷ ପରେ ଓଡ଼ିଶାରେ ଭୁଶୁଡ଼ିଛି ନବୀନ ଦୁର୍ଗ । ପ୍ରଥମ ଥର ପାଇଁ ରାଜନୀତିରେ ପରାଜୟର ସାମ୍ନା କରିଛନ୍ତି ନବୀନ ପଟ୍ଟନାୟକ । ଏଥିସହ ସେ ପାଲଟି ଯାଇଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ । ଭାରତର ଦ୍ୱିତୀୟ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ନବୀନ ଆଉ କେଇଟା ଦିନ ପରେ ଦେଶର ଦୀର୍ଘତମ କ୍ଷମତାରେ ରହିଥିବା ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ । (ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ଏ ସଂଖ୍ୟାରେ..



ସାସ୍ଥ୍ୟୋପଯୋଗୀ କିୱି



ସାସ୍ଥ୍ୟ ପାଇଁ କଦଳୀ



ଗୋଲମରିଚର ଉପାଦେୟତା



ଦେହକୁ ହିତ କଲରା



ଲାଭକାରୀ ରସୁଣ



ପାନମଧୁରୀର ଉପକାରିତା

# ୨୫ ବର୍ଷ ପରେ ଲୋକସଭାରେ ବିଜେଡି ଶୂନ

ଭୁବନେଶ୍ୱର: ସଂସଦର ନିମ୍ନ ସଦନ ଲୋକସଭାରେ ୨୪ବର୍ଷ ପରେ ଆଞ୍ଚଳିକ ଦଳ ବିଜେଡି ପ୍ରତିନିଧିତ୍ୱ କରିବା ସୁଯୋଗରୁ ବଞ୍ଚିତ ହୋଇଛି । ବିଜେଡି ଗଠନ ଦିନରୁ ପ୍ରଥମଥର ପାଇଁ ଦଳକୁ ଏପରି ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି । ପ୍ରତିଟି ନିର୍ବାଚନରେ ବିଜେଡିରୁ ଏକାଧିକ ସାଂସଦ ନିର୍ବାଚିତ ହେଉଥିବା ବେଳେ ୨୦୨୪ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ୨୦୧୪ରେ ଦଳର ସର୍ବାଧିକ ୨୦ ଜଣ ସାଂସଦ ନିର୍ବାଚିତ ହୋଇଥିଲେ । ୨୦୨୪ରେ ତାହା ଶୂନ୍‌ରେ ପହଞ୍ଚିଛି । ଓଡ଼ିଶାର ସମସ୍ୟା ଓ ଯୁକ୍ତିଯୁକ୍ତ ଦାବି ସମ୍ପର୍କରେ ଆଞ୍ଚଳିକ ଦଳଭାବେ ବିଜେଡି ଏଥର ସଂସଦରେ ସ୍ୱର ଉଠାଇ ପାରିବନାହିଁ । ଯାହା ଦଳ ପାଇଁ ଏବେ ବଡ଼ ସମସ୍ୟା ହୋଇ ଉଭା ହୋଇଛି ।

ଓଡ଼ିଶାରେ ଆଞ୍ଚଳିକ ଦଳଭାବେ ୧୯୯୭ ଡିସେମ୍ବର ୨୬ରେ ବିଜେଡି (ବିଜୁ ଜନତା ଦଳ) ଗଠନ ପରେ ପ୍ରଥମଥର ପାଇଁ ୧୯୯୮ ସାଧାରଣ ନିର୍ବାଚନରେ ପଦାର୍ପଣ କରିଥିଲା । ଏହି ନିର୍ବାଚନରେ ବିଜେଡି ଆଶାଠାରୁ ଅଧିକ ସଫଳତା ପାଇଥିଲା । ଲୋକସଭା ନିର୍ବାଚନରେ ବିଜେଡି ୯, ବିଜେପି ୭ ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଥିଲେ । ବିଜେଡି ସଭାପତି ନବୀନ ପଟ୍ଟନାୟକ ୧୯୯୮ ନିର୍ବାଚନରେ ଆସ୍କା ଲୋକସଭା କ୍ଷେତ୍ରରୁ ବିଜୟ ହାସଲ କରି କେନ୍ଦ୍ରରେ ଖଣି ଓ ଇସ୍ପାତ ମନ୍ତ୍ରୀ ହୋଇଥିଲେ । ସେହି ବର୍ଷ କେନ୍ଦ୍ରରେ ମେଣ୍ଟ ସରକାର କାର୍ଯ୍ୟ ଅବଧି ଶେଷ ପୂର୍ବରୁ ଭାଙ୍ଗି ଯାଇଥିଲା । ୧୯୯୯ରେ ଦେଶବାସୀ ଆଉ ଏକ ସାଧାରଣ ନିର୍ବାଚନର ସମ୍ମୁଖୀନ ହୋଇଥିଲେ । ଏହି ନିର୍ବାଚନରେ ଓଡ଼ିଶାରେ ବିଜେଡି ୧୦, ବିଜେପି ୯ ଓ କଂଗ୍ରେସ ୨ଟି ଲୋକସଭା ଆସନରେ ବିଜୟୀ ହୋଇଥିଲା । ୨୦୦୦ ବିଧାନସଭା ନିର୍ବାଚନରେ ବିଜେପି ଓ ବିଜେଡି ମେଣ୍ଟ ଗଠନ କରି ନିର୍ବାଚନକୁ ଓହ୍ଲାଇଥିଲେ । ଏଥିରେ ମେଣ୍ଟକୁ ଆଶାତୀତ ସଫଳତା ମିଳିଥିଲା । ବିଧାନସଭା ନିର୍ବାଚନରେ କଂଗ୍ରେସ ୨୬ଟି ଆସନରେ ବିଜୟୀ ହୋଇଥିବାବେଳେ ବିଜେପି ୩୮ ଓ ବିଜେଡି ୬୮ଟି ଆସନରେ ବିଜୟୀ ହୋଇଥିଲେ । ବିଜେପି-ବିଜେଡି ମେଣ୍ଟ ମିଳିତଭାବେ ୧୦୬ଟି ଆସନରେ ବିଜୟୀ ହୋଇ ରାଜ୍ୟରେ ମେଣ୍ଟ ସରକାର ଗଠନ କରିଥିଲେ । ବିଧାନସଭା କାର୍ଯ୍ୟକାଳ ଶେଷ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ଆଗୁଆ ଭଙ୍ଗ କରିଦେଇଥିଲେ । ୨୦୦୪ରେ ଅନୁଷ୍ଠିତ ଲୋକସଭା ସହିତ ରାଜ୍ୟରେ ବିଧାନସଭା ନିର୍ବାଚନରେ ବିଜେପି-ବିଜେଡି ମେଣ୍ଟ ନିର୍ବାଚନ ଲଢ଼ିଥିଲେ । ଏହି ନିର୍ବାଚନରେ ବିଜେପିକୁ ୭, ବିଜେଡିକୁ ୧୧, କଂଗ୍ରେସକୁ ୨ଟି ଓ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍)କୁ ଗୋଟିଏ ଆସନ ମିଳିଥିଲା । ରାଜ୍ୟରେ ମଧ ବିଜେପି-ବିଜେଡି ମେଣ୍ଟ ସରକାର ଗଢ଼ିଥିଲା । ମୁଖ୍ୟମନ୍ତ୍ରୀଭାବେ ନବୀନ ପଟ୍ଟନାୟକ ପୁଣି ଥରେ ଶପଥ ନେଇଥିଲେ । ନିର୍ବାଚନରେ ମେଣ୍ଟ କରି ଉଭୟ ବିଜେପି ଓ ବିଜେଡିକୁ ସଫଳତା ମିଳୁଥିବା ବେଳେ ୨୦୦୯ରେ ୧୧ବର୍ଷର ମେଣ୍ଟକୁ ଛିନ୍ନ କରିଥିଲା । ବିଜେଡି୍ ଉଭୟ ବିଜେପି ଓ ବିଜେଡି ପୃଥକ ଭାବେ ନିର୍ବାଚନକୁ ଓହ୍ଲାଇଥିଲେ । ଏହି ନିର୍ବାଚନରେ ବିଜେଡିକୁ ଅଭୂତପୂର୍ବ ସଫଳତା ମିଳିଥିଲା । ବିଜେଡି ବିଧାନସଭାରେ ଏକକ ସଂଖ୍ୟା ଗରିଷ୍ଠ ଦଳ ଭାବେ ୧୦୮ ଟି ଆସନରେ ବିଜୟୀ ହୋଇଥିଲା । ସେହିପରି ଲୋକସଭାରେ ମଧ ବିଜେଡି ୧୪ଟି ଆସନ ପାଇଥିଲା । କଂଗ୍ରେସ ୬ଟି ଓ ସିପିଆଇ ଗୋଟିଏ ଆସନ ଜିତିଥିବା ବେଳେ ବିଜେପି ଖାତା ଖୋଲିପାରି ନ ଥିଲା । ୨୦୧୪ ନିର୍ବାଚନରେ ବିଜେଡି ସର୍ବାଧିକ ୨୦ଲୋକସଭା ସିଟ୍‌ରେ ବିଜୟୀ ହୋଇ ଇତିହାସ ରଚିଥିଲା । ବିଜେପି ଗୋଟିଏ ଆସନରେ ସନ୍ତୁଷ୍ଟ ରହିଥିଲା । ବିଧାନସଭା ନିର୍ବାଚନରେ ମଧ ବିଜେଡି ୧୧୭ଟି ସିଟ୍‌ରେ ବିଜୟୀ ହୋଇ ସରକାର ଗଠନ କରିଥିଲା । ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ ସାଧାରଣ ନିର୍ବାଚନରେ ଅଭୂତପୂର୍ବ ସଫଳତା ମିଳିଥିଲା । ଲୋକସଭାରେ ୧୨ଟି ଓ ବିଧାନସଭାରେ ୧୧୨ଟି ଆସନ ପାଇଥିଲା ଦଳ୍ ୧୨ଜଣ ବିଜେଡି ସାଂସଦ ଲୋକ ସଭାରେ ଆଞ୍ଚଳିକ ଦଳଭାବେ ଓଡ଼ିଶାର ସମସ୍ୟା ସହିତ ବିଭିନ୍ନ ଦାବି ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟିଆକର୍ଷଣ କରିବାରେ ସଫଳ ହୋଇଥିଲେ । ରାଜ୍ୟରେ ମଧ ବିଜେଡି ସରକାର ଗଠନ କରିଥିଲା । ୨୦୧୯ ପରି ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପୁଣି ଇତିହାସ ରଚିବ ବୋଲି ବିଜେଡି ନେତାମାନେ ଆଶା ରଖିଥିଲେ । ୨୦୧୪ ପରି ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ସଂଖ୍ୟା ଗରିଷ୍ଠତା ପାଇବା ସହିତ ୧୭ରୁ ଉର୍ଦ୍ଧ୍ୱ ଲୋକସଭା ଆସନରେ ବିଜୟ ହାସଲ କରିବ ବୋଲି ଦଳର ବହୁ ବରିଷ୍ଠ ନେତା ପୂର୍ବାନୁମାନ କରିଥିଲେ । ଦଳୀୟ ନେତାଙ୍କ ସହିତ ବିଭିନ୍ନ ଗଣମାଧମର ସମସ୍ତ ପୂର୍ବାନୁମାନକୁ ଭୁଲ୍ ପ୍ରମାଣିତ କରିଛି । ୨୦୨୪ ନିର୍ବାଚନର ଫଳାଫଳ ପ୍ରତିଷ୍ଠା ଦିନରୁ ସମସ୍ତ ନିର୍ବାଚନରେ ବିଜେଡି ବିଜୟ ଲାଭ କରି ଆସୁଥିବା ବେଳେ ପ୍ରଥମ ଥର ୨୦୨୪ରେ ବିପର୍ଯ୍ୟୟର ସାମ୍ନା କରିଛି । ସଂସଦରେ ଆଗାମୀ ଦିନରେ ବିରୋଧୀ ତଥା ଓଡ଼ିଶାର ଆଞ୍ଚଳିକ ଦଳ ଭାବେ ବିଜେଡିର ସ୍ୱର ଶୁଣିବାକୁ ମିଳିବ ନାହିଁ ।

## ବରଗଡ଼ ଜିଲ୍ଲାରେ ବିଜେପିର ବାଜିମାତ୍

ବରଗଡ଼ : ବରଗଡ଼ ଲୋକସଭା ଆସନରେ ଏକତରଫା ଭାବରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ବାଜି ମାରିଛନ୍ତି । ପ୍ରଦୀପ ୨,୫୧,୬୬୭ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡି ପ୍ରାର୍ଥୀ ପରିଣୀତା ମିଶ୍ରଙ୍କୁ ପରାସ୍ତ କରିଛନ୍ତି । ସେହିପରି, ବରଗଡ଼ ଲୋକସଭା ଆସନ ଅଧୀନସ୍ଥ ୭ଟି ବିଧାନସଭା ଆସନରୁ ୬ଟିରେ ବିଜେପି ପ୍ରାର୍ଥୀ ବାଜିମାତ କରିଛନ୍ତି । ବରଗଡ଼ ଜିଲ୍ଲାର ୫ଟି ବିଧାନସଭା ଆସନ ମଧ୍ୟରୁ କେବଳ ପଦ୍ମପୁର ବିଧାନସଭା ଆସନକୁ ଛାଡ଼ିଦେଲେ ବାକି ସବୁଥିରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି ।

ବରଗଡ଼ ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ ୪୭୭୨ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ଦେବେଶ ଆଚାର୍ଯ୍ୟଙ୍କୁ ପରାଜିତ କରି ବିଜୟୀ ଘୋଷିତ ହୋଇଛନ୍ତି । ସେହିପରି, ଅତାବିରାରେ ବିଜେପି ପ୍ରାର୍ଥୀ ନିହାର ମହାନନ୍ଦ ୯୯୪୮୭ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ହେଭିଓ୍ୱେଟ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ୨୮୯୧୦ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି । ଭଟଲିରେ ମଧ ବିଜେପି ପ୍ରାର୍ଥୀ ଇରାଶିଷ ଆଚାର୍ଯ୍ୟ ରେକର୍ଡ ସଂଖ୍ୟକ ଭୋଟ ପାଇ ବିଜେଡିର ହେଭିଓ୍ୱେଟ ନେତା ସୁଶାନ୍ତ ସିଂଙ୍କୁ ହରାଇଛନ୍ତି । ସୁଶାନ୍ତଙ୍କଠାରୁ ଇରାଶିଷ ୨୭ହଜାର ୮୯୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ଘୋଷିତ ହୋଇଛନ୍ତି । ଇରାଶିଷ ୧ଲକ୍ଷ୭ ହଜାର୫୦୮ ଖଣ୍ଡ ଭୋଟ ପାଇଥିବା ବେଳେ ସୁଶାନ୍ତ ସିଂ ୭୯୬୧୬ ଖଣ୍ଡ ଭୋଟ ପାଇଛନ୍ତି । ବିଜେପୁରରେ ବିଜେପି ପ୍ରାର୍ଥୀ ସନତ ଗଡ଼ତିଆ ୧୦୦୬୬ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ମନ୍ତ୍ରୀ ରୀତା ସାହୁଙ୍କୁ ପରାଜିତ କରିଛନ୍ତି । ପଦ୍ମପୁରରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ବାଜିମାତ୍ କରିଛନ୍ତି । ବର୍ଷା ସିଂ ବରିହା ୧୦୯୯୩ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ଗୋବର୍ଦ୍ଧନ ଭୁଏଙ୍କୁ ପରାଜିତ କରିଛନ୍ତି । ସେହିପରି ବରଗଡ଼ ଲୋକସଭା କ୍ଷେତ୍ର ଅଧୀନରେ ଥିବା ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ଆସନରେ ମଧ ବିଜେପି ପ୍ରାର୍ଥୀ ବାଜିମାତ୍ କରିଛନ୍ତି ।

## ମେଣ୍ଟ କରି ନ ଥିବା ଦଳକୁ 'ଶୂନ'

ନୂଆଦିଲ୍ଲୀ : ଲୋକସଭା ନିର୍ବାଚନରେ ଏଥର ଏନ୍‌ଡିଏ କିମ୍ବା 'ଇଣ୍ଡିଆ' ମେଣ୍ଟରେ ସାମିଲ ହୋଇ ନ ଥିବା କିଛି ଦଳର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି । ଏମାନଙ୍କ ହାତ ସମ୍ପୂର୍ଣ୍ଣ ଖାଲି ହୋଇଯାଇଛି । ଏହି ଦଳଗୁଡ଼ିକ ମଧରେ ମାୟାବତୀଙ୍କ ନେତୃତ୍ୱାଧୀନ ବହୁଜନ ସମାଜ ପାର୍ଟି (ବସପା), ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ (ବିଜେଡି), ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏବଂ ମେହବୁବା ମୁଫ୍‌ତିଙ୍କ ଦଳ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଇତ୍ୟାଦି । ଏମାନଙ୍କ ଭାଗରେ ଗୋଟିଏ ହେଲେ ଲୋକସଭା ଆସନ ପଡ଼ିନାହିଁ ।

## ମୋ ଇଲାକା



**ଡକ୍ଟର ଶ୍ରୀମତୀ ସଙ୍ଗୀତା ନାଏକ ପୁରୋହିତ**

ସେଠି ମୋ ରାଜୁତି ଚାଲେ
ମୁଁ ସାମ୍ରାଜ୍ଞୀ ସେହି ଇଲାକାର
ମଳୟ ପବନର ଦୋଳି ଖେଳ
ପୁଲକ ଜଗାଏ ମନେ
ଜଣା ଅଜଣା ଜାତି ଜାତି ଫୁଲ
କୋଇଲିର କୁହୁତାନ
ଭରିଦିଏ ମନ ପ୍ରାଣ ପରଶ
ଜର ବସନ୍ତର ଫଗୁ
ନେସି ହୋଇ ରହିଥାଏ
ଚାରିଆଡେ ଫଗୁଣର ଅବିର ରଙ୍ଗୀନ
କାହିଁ କିଛି ନାହିଁ ଊଣା
ନାହିଁ ଆଦୌ କଟକଣା
ଜାଣିଶୁଣି ପଥ ହୁଡ଼ି ଯାଉଥାଏ
ରହିବାକୁ ଭଲ ଲାଗେ
ହୋଇ ବାଟବଣା
ଜାଣିଛ କି ତା'ର ଠିକଣା ?
ମୋ ମନ ଗହନ ସିଏ
ବଣମଲ୍ଲୀ କେତେ ଫୁଟେ
ବାସନାରେ ଚହଟାଏ
ଆଖିପତା ମୁଦି ଦେଲେ, ଧିରେ ଧିରେ
ହାତ ଧରି କିଏ ଜଣେ, ସେ ଇଲାକାର
ଯମୁନାକୁଳେ ଅଥବା କଦମ୍ବ ମୂଳେ
ମତେ ଘେନି ଯାଏ ?

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,**
**ମୁଖ୍ୟ କାର୍ଯ୍ୟାଳୟ, ସମ୍ବଲପୁର**
**ବିଭାଗୀୟ ମୁଖ୍ୟ (ଓଡ଼ିଆ)**
**କୁଲିତାପଡ଼ା,ମୋଦିପଡ଼ା**

## ସୁନ୍ଦରଗଡ଼ ଜିଲ୍ଲାରେ ବିଜେଡି ୩ ଓ ବିଜେପି ୨ ଆସନରେ ବିଜୟୀ

ସୁନ୍ଦରଗଡ଼ : ସମଗ୍ର ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ସୁନ୍ଦରଗଡ଼ ଜିଲ୍ଲାରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି । ସୁନ୍ଦରଗଡ଼ ଲୋକସଭା ଆସନରେ ବିଜେପିର ବରିଷ୍ଠ ନେତା ଜୁଏଲ ଓରାମ ଷଷ୍ଠଥର ପାଇଁ ବିଜୟୀ ହୋଇଛନ୍ତି । ମାତ୍ର, ବିଧାନସଭା ଆସନ ଗୁଡ଼ିକ ମଧ୍ୟରୁ ବିଜେଡି ୩ଟି ଆସନରେ ବିଜୟ ଲାଭ କରିଥିବା ବେଳେ ବିଜେପି ୨ଟି ଆସନ ଏବଂ ଇଣ୍ଡି ମେଣ୍ଟର ଦୁଇ ସଦସ୍ୟ କଂଗ୍ରେସ୍ ଓ ସିପିଆଇଏମ୍ ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି ।

୨୦୦୯କୁ ବାଦ୍ ଦେଲେ ୧୯୯୮ରୁ ଲଗାତାର ସୁନ୍ଦରଗଡ଼ ସାଂସଦ ଭାବେ ଜିତି ଆସୁଥିବା ଜୁଏଲ୍ ଓରାମ୍ ଏଥର ଷଷ୍ଠଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ୨୦୧୪ରେ ତାଙ୍କୁ କଡ଼ା ଟକ୍କର ଦେଇଥିବା ବିଜେଡିର ତାରକା ପ୍ରାର୍ଥୀ ଦିଲୀପ ତିର୍କି ଏଥର କିନ୍ତୁ ମୋଦୀ ଲହରର ସାମ୍ନା କରି ନ ପାରି ଲକ୍ଷାଧିକ ଭୋଟ୍‌ରେ ହାରିଛନ୍ତି । ବିଧାନସଭା ଆସନ ମଧ୍ୟରୁ ତଳସରାରେ କଂଗ୍ରେସ ଓ ବିଜେଡିର ପ୍ରାର୍ଥୀ ବଦଳ ଓ ଅସନ୍ତୋଷ ମଧରେ ବିଜେପିର ଭବାନୀ ଭୋଇ ପୁଣିଥରେ ସହଜରେ ଆସନକୁ ହାତେଇ ନେଇଛନ୍ତି । ସେ ବିଜେଡିର ବିନୟ ଟପ୍ପୋଙ୍କୁ ୧୭ ହଜାରରୁ ଅଧିକ ଭୋଟ୍ ପରାଜିତ କରିଛନ୍ତି । ରଘୁନାଥପାଲି ଆସନରେ ୩ ଥରର ବିଧାୟକ ସୁବ୍ରତ ତରାଇଙ୍କ ପ୍ରତି ଥିବା ଲୋକଙ୍କ ଅସନ୍ତୋଷକୁ ଭୁଲାଇବା ପାଇଁ ତାଙ୍କ ବଦଳରେ ତାଙ୍କ ପତ୍ନୀଙ୍କୁ ପ୍ରାର୍ଥୀ କରିବା ବିଜେଡି ପାଇଁ ମହଙ୍ଗା ପଡ଼ିଛି । ରଘୁନାଥପାଲିବାସୀ ଅପେକ୍ଷାକୃତ କମ୍ ଜଣାଶୁଣା ବିଜେପିର ଦୁର୍ଗା ତନ୍ତୀ ତାଙ୍କୁ ୫ ହଜାରରୁ ଅଧିକ ଭୋଟ୍‌ରେ ପରାଜିତ କରିଛନ୍ତି । ଅପରପକ୍ଷରେ, ରାଉରକେଲାରେ ହୋଇଥିବା ହାଇଭୋଲଟେଜ୍ ଲଢ଼େଇର ଫଳାଫଳ ବିଜେପିକୁ ବଡ଼ ଝଟ୍‌କା ଦେଇଛି । ଏଠାରେ ଏକ କଡ଼ା ମୁକାବିଲାରେ ହେଭିଓ୍ୱେଟ୍ ଦିଲୀପ ରାୟଙ୍କୁ ସାଢ଼େ ତିନି ହଜାରରୁ ଅଧିକ ଭୋଟ୍‌ରେ ହରାଇ ଚତୁର ରାଜନେତା ସାରଦା ନାୟକ ୨୦୧୪ ପରାଜୟର ବଦଳା ନେଇଛନ୍ତି । ସେହିପରି କଂଗ୍ରେସରୁ ଆସି ବିଜେଡିରେ ମିଶିଥିବା ଆଦିବାସୀ ନେତା ଜର୍ଜ ତିର୍କି ଓ ତାଙ୍କ ପୁଅ ରୋହିତ୍ ଯୋସେଫ ତିର୍କିଙ୍କ ରାଜନୈତିକ ଭବିଷ୍ୟତ ଏଥର ବାଜିରେ ଲାଗିଥିଲାବେଳେ ସେମାନେ କୌଣସି ମତେ ତାକୁ ସୁରକ୍ଷିତ କରିପାରିଛନ୍ତି । ବୀରମିତ୍ରପୁରରୁ ବିଜେଡି ଟିକଟ୍‌ରେ ଲଢ଼ି ରୋହିତ ଏହି ଆସନକୁ ବିଜେପିଠାରୁ ଛଡ଼ାଇ ଆଣିଛନ୍ତି । ବିଜେପି ବିଧାୟକ ଶଙ୍କର ଓରାମ ୬ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଛନ୍ତି । ସୁନ୍ଦରଗଡ଼ ସହର ଆସନରେ ହୋଇଥିବା ରୋଚକ ଲଢ଼େଇରେ ବିଜେପି ବିଧାୟିକା କୁସୁମ ଟେଟେଙ୍କୁ ୯ ହଜାରରୁ ଅଧିକ ଭୋଟ୍‌ରେ ହରାଇ ଯୋଗେଶ ସିଂହ ପୁଣିଥରେ ବିଧାନସଭାକୁ ଫେରିବା ରାସ୍ତା ପରିଷ୍କାର କରିଛନ୍ତି । ପୂର୍ବରୁ ସେ ୨ଥର କଂଗ୍ରେସ୍ ଟିକଟ୍‌ରେ ଜିତିଥିଲେ ବି ପ୍ରଥମ କରି ବିଜେଡି ବିଧାୟକ ହେବାକୁ ଯାଉଛନ୍ତି ।

ସେହିପରି, ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟତମ ଚର୍ଚ୍ଚିତ ପ୍ରାର୍ଥୀ ରାଜଗାଙ୍ଗପୁରର କଂଗ୍ରେସ୍ ବିଧାୟକ ଡାକ୍ତର ସିଏସ୍ ରାଜେନ୍ ଏକ୍କା ନିଜ ଆସନ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି । ଗତଥର ୧ ହଜାରରୁ କମ୍ ଭୋଟ୍‌ରେ ଜିତିଥିବା ରାଜେନ୍ ଏଥର ନିଜ ଲୋକପ୍ରିୟତା ବଳରେ ଭୋଟ୍ ବ୍ୟବଧାନକୁ ୧୦ ହଜାରରୁ ଅଧିକ କରି ପାରିଛନ୍ତି । ସେହିପରି ବାମଗଡ଼ କୁହାଯାଉଥିବା ବଣାଇ ଆସନକୁ ସିପିଆଇଏମ୍ ଦଳ ନିଜ ପାଇଁ ସୁରକ୍ଷିତ ରଖିପାରିଛି । ବିଜେଡିର ଭୀମସେନ ଚୌଧୁରୀଙ୍କୁ ୨୩ ହଜାରରୁ ଅଧିକ ଭୋଟରେ ହରାଇ ସିପିଆଇଏମ୍‌ର ଲକ୍ଷ୍ମଣ ମୁଣ୍ଡା ଚତୁର୍ଥଥର ପାଇଁ ବିଧାୟକ ନିର୍ବାଚିତ ହୋଇଛନ୍ତି ।

# କ'ଣ ଆମର ସମସ୍ୟା ?

'କଣ କରିବି' ଏହି ପାଞ୍ଚଟି ଅକ୍ଷର ଧନହୀନ ମଣିଷର ନିତ୍ୟ ନୈମିତ୍ତିକ ଜପ । ଏହାକୁ କୁହାଯାଏ 'ଦରିଦ୍ର, ପଞ୍ଚାକ୍ଷର ମନ୍ତ୍ର । ଦରିଦ୍ର ହେଉଛି ଧନହୀନ, କାଙ୍ଗାଳ ; ରଙ୍କ ; ଚିର ଅଭାବଗ୍ରସ୍ତ । ଦରିଦ୍ର ଲୋକେ ଏହି ସମାଜର ଏକ ବୃହତ୍ ଅଂଶ । ସେମାନେ ନିଜ ଜୀବନର ମୌଳିକ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ ଏବଂ ସର୍ବନିମ୍ନ ଜୀବନ ଧାରଣରୁ ବଞ୍ଚିତ ।

ଖୁବ୍ ନିରପେକ୍ଷ ଭାବେ ଦେଖିବାକୁ ଗଲେ ଏହା ନିଃସନ୍ଦେହ ଯେ ସରକାର ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ବିପୁଳ ପରିମାଣର ଅର୍ଥ ବ୍ୟବସ୍ଥା କରିଆସୁଛନ୍ତି । କିନ୍ତୁ ଏହି କାର୍ଯ୍ୟକ୍ରମ ଗୁଡିକ ଭଲ ଫଳାଫଳ ଦେଖାଉ ନାହିଁ । ତ୍ରୁଟିପୂର୍ଣ୍ଣ ଫଳାଫଳର ମୁଖ୍ୟ କାରଣ ହେଉଛି ତ୍ରୁଟିପୂର୍ଣ୍ଣ ସରକାରୀ କଳକୌଶଳ । ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବକ୍ତବ୍ୟ ପ୍ରଣିଧାନଯୋଗ୍ୟ - ସରକାର ଗରିବ ଲୋକଙ୍କୁ ଦେଇଥିବା ସହାୟତା ମଧ୍ୟରୁ ମାତ୍ର ୧୫ପ୍ରତିଶତ ପ୍ରକୃତରେ ସେମାନଙ୍କ ନିକଟରେ ପହଞ୍ଚିଛି । ଏହାର ଅର୍ଥ ହେଉଛି ବ୍ୟବସ୍ଥାରେ ମୂଳ ପରିବର୍ତ୍ତନ ସହିତ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବାର ଆବଶ୍ୟକତା ଅଛି ।

ଅନେକ ବ୍ୟକ୍ତି ଆତ୍ମମର୍ଯ୍ୟଦା ପ୍ରଦର୍ଶନରେ ବି ଗରିବ । ଧରାଯାଉ ଜଣେ ବ୍ୟକ୍ତି ଏତେ ଦରିଦ୍ର ଯେ ତାଙ୍କର ନିଜ ପରିଶ୍ରମରୁ କୌଣସି ଆୟ ନାହିଁ । ଦେହ ଢାଙ୍କିବା ପାଇଁ ପୋଷାକ, ପେଟ ପାଇଁ ଦାନା ଓ ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଘର ଲାଗି ସଂଘର୍ଷ କରିବା ବ୍ୟତୀତ ତାଙ୍କର ଅନ୍ୟ କିଛି ଚିନ୍ତା ହିଁ ନାହିଁ । ନିଜ ଅସ୍ତିତ୍ୱ ରକ୍ଷା ପାଇଁ ସେ ଅବିରତ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ । ଏହି ବ୍ୟକ୍ତିଙ୍କୁ ଆମେ ସଂପୂର୍ଣ୍ଣ ଦରିଦ୍ର ବୋଲି କହିବା । ମାତ୍ର ଏଥିଯୋଗୁଁ ସେ ଯଦି ତାଙ୍କ ମର୍ଯ୍ୟାଦା ହରାଇ ଦିଅନ୍ତି ତାହା ତାଙ୍କର ପୌରୁଷର ଅବମାନନା । ଆଧ୍ୟାତ୍ମିକ ଚେତନାର ଅଭାବ । ଈଶ୍ୱରଙ୍କ କାର୍ଯ୍ୟର ମୁଖ୍ୟ ଅଂଶ ହେଉଛି ଆତ୍ମସମ୍ମାନ । ତେଣୁ ତାକୁ ବଞ୍ଚାଇବା ପାଇଁ ଅନ୍ୟର ହାତଟେକା ଦାନ ଉପରେ ସର୍ବଦା ନିର୍ଭର କରିବା ଅପେକ୍ଷା ନିଜ ବିଭୁଦତ୍ତ ପ୍ରତିଭା ଓ ସାମର୍ଥ୍ୟକୁ ଉପଯୋଗ କରିବାକୁ ପଡିବ । ଅନେକ ସମୟରେ ଦେଖାଯାଏ ସାଧନ ଥାଇ ମଧ କିଛି ବ୍ୟକ୍ତି ନିର୍ଜନତାବତ୍ ଅସହାୟ କର୍ମବିମୁଖ ଏବଂ ବିଚରା ଭାବ ପ୍ରକଟ କରନ୍ତି । ଏହା ହେଉଛି ତାଙ୍କ ଗରିବୀ । ଅବଶ୍ୟ ପ୍ରାଚୁର୍ଯ୍ୟ ଓ ସାମର୍ଥ୍ୟ ଥାଇ ନିରୀହତା ଓ ନିରହଙ୍କାରିତା ପ୍ରଦର୍ଶନ ଆଦୌ ଗରିବୀ ନୁହେଁ ।

ଆମ ଆଗରେ ପ୍ରଗତିର ରାସ୍ତା ଲମ୍ବିଛି । ଏହି ସୀମାହୀନ ରାସ୍ତା ଏକ ମୁକ୍ତ ଚଳଚ୍ଚିତ୍ର ପ୍ରେକ୍ଷାଳୟ ଏଥିରେ ପ୍ରତି ମୁହୂର୍ତ୍ତରେ ପ୍ରଦର୍ଶିତ ହେଉଥାଏ କେତେ କେତେ ଚଳନ୍ତି ଦୃଶ୍ୟ । ରାସ୍ତାରେ ଯାଉଥିବା ଚରିତ୍ରଙ୍କ ମଧ୍ୟରୁ କେତେ ବାସହୀନ, କେତେ ଧନଜନହୀନ, କେତେ ଶାରୀରିକ ଗରିବ, କେତେ ମାନସିକ ଓ ଆଧ୍ୟାତ୍ମିକ ଗରିବ । ଜଣେ ସମ୍ପୂର୍ଣ୍ଣ ଆତ୍ମନିଯୁକ୍ତ ଆରାମଦାୟକ ଧନୀ ବ୍ୟକ୍ତି ଯାହାର ଭବ୍ୟ ବାସସ୍ଥାନ, ଟେବୁଲ ଉପରେ ରୁଚିକର ଖାଦ୍ୟ, ଉନ୍ନତ ପୋଷାକ, ଦାମୀ କାର୍ ଏବଂ ଅନ୍ୟାନ୍ୟ ଅତିରିକ୍ତ ରକ୍ଷଣାବେକ୍ଷଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ଅଛି, ହେଲେ ସେ କେବେ ଖୁସି ନୁହଁନ୍ତି କି ସନ୍ତୁଷ୍ଟ ନୁହଁନ୍ତି । ସୁତରାଂ ସେ ଜଣେ 'ଗରିବ' ପ୍ରାଣୀ । ଏହି ବ୍ୟକ୍ତି ଆଧ୍ୟାତ୍ମିକ ସମ୍ବଳରୁ ବି ସମ୍ପୂର୍ଣ୍ଣରୂପେ ବଞ୍ଚିତ । ଏମାନେ ଧନରେ ଧନୀ ମାତ୍ର ଏମାନଙ୍କ ଜୀବନ ଧନ୍ୟ ନୁହେଁ । ବରଂ ଦରିଦ୍ର ଲୋକମାନେ ଧନ୍ୟ, କାରଣ ଈଶ୍ୱରଙ୍କ ରାଜ୍ୟ ତାଙ୍କର ହିଁ ଅଟେ । ଦରିଦ୍ର ଲୋକଟି ହୁଏତ ଭୌତିକ ସ୍ତରରେ ଗରିବ ମାତ୍ର ଆଧ୍ୟାତ୍ମିକ ସ୍ତରରେ ଧନୀ ।

ସମାଜ କାହାରି ମାନସିକ ଦାରିଦ୍ର୍ୟକୁ ଗୌରବାନ୍ୱିତ କରେ ନାହିଁ । ଈଶ୍ୱର ଆମକୁ ପ୍ରଚୁର ଜୀବନ ପ୍ରଦାନ କରିଛନ୍ତି । ସେ ସର୍ବଦା ଆଧ୍ୟାତ୍ମିକ ମାର୍ଗରେ ଆମକୁ ଧନ୍ୟ ଓ ଧନୀ କରିବାକୁ ଚାହାଁନ୍ତି । ତାଙ୍କ ଆଶୀର୍ବାଦ ଦ୍ୱାରା ସେ ମଧ ଆମକୁ ଉପଭୋଗ ପାଇଁ ଅନେକ ବସ୍ତୁ ଦିଅନ୍ତି । ଯେତେବେଳେ ଜଣେ ବ୍ୟକ୍ତି ଈଶ୍ୱରଙ୍କ ଠାରେ ତା'ର ସବୁ ଆବଶ୍ୟକତା ଏବଂ ନିର୍ଭରତାକୁ ସମର୍ପଣ କରିଦିଏ ସେତେବେଳେ ତା'ର ଦାରିଦ୍ର୍ୟ 'ଆଶୀର୍ବାଦ' ହୋଇଯାଏ । ସେହି ଦାରିଦ୍ର୍ୟ ହେଉଛି ଆଧ୍ୟାତ୍ମିକ ଦାରିଦ୍ର୍ୟ । ତାହା ଯୋଗୁଁ ଆମେ ଆମର ଅସ୍ତିତ୍ୱ ଅନୁଭବ କରୁ । ଭୋଗ ଦାରିଦ୍ର୍ୟ ଯୋଗୁଁ ନିଜର ଅସ୍ତିତ୍ୱ ଭୁଲିଯାଇଥିବା ମଣିଷ ନା ଆତ୍ମକଲ୍ୟାଣ କରେ ନା ରାଷ୍ଟ୍ରକଲ୍ୟାଣ କରିପାରେ ।

ଅସ୍ତିତ୍ୱ ଓ ଅସ୍ମିତା ସଚେତନ ହେଲେ ଜଣେ ଦୈବୀ-ଆଶୀର୍ବାଦ ଲାଭ କରନ୍ତି, ମହାତ୍ମା ହୋଇପାରନ୍ତି । ଜଣେ ଦୁର୍ବଳା ଅବଳା ମଧ ଦୁର୍ଗତିନାଶିନୀ ଦୁର୍ଗା ପାଲଟିଯା'ନ୍ତି । ପଙ୍ଗୁ ଗିରି ଲଂଘିଯାଏ । ମହାମୂର୍ଖ କୃତବିଦ୍ୟ କାଳିଦାସ ପାଲଟିଯାଏ । ସୁତରାଂ ଆଧ୍ୟାତ୍ମିକ ନିଷ୍ଠା, ମାନସିକ ଦାର୍ଢ୍ୟତା ଓ ଅସୀମ କର୍ମପ୍ରବଣତା ଦାରିଦ୍ର୍ୟକୁ ଦାରୁବ୍ରହ୍ମବତ୍ ପରମାର୍ଥରେ ରୂପାନ୍ତରିତ କରି ଦେଇପାରେ ।

ଦରିଦ୍ରଠାରେ ଆତ୍ମୀୟ ଭାବଟି ଦୃଢ଼ । ସେ ଯେତେ ଦୂରରେ ଥିଲେ ବି ଆତ୍ମୀୟଭାବ ପୋଷଣରେ ଦାରିଦ୍ର୍ୟ ଦେଖାଏ ନାହିଁ । କିନ୍ତୁ ଯାହାଠାରେ ଆତ୍ମୀୟତା ନଥାଏ, ସେ କେବଳ ସ୍ୱାର୍ଥ ହାସଲ ପାଇଁ ନିଜର ହେବାର ଅଭିନୟ କରେ, ନିଜର ହୋଇପାରେ ନାହିଁ । ଏଠାରେ ଆମେ ଯେଉଁ ଅନ୍ତର ଦେଖି, ତାହା ହେଲା ସ୍ୱାର୍ଥପରତା ଜନିତ ଗରିବୀ ।

ଦରିଦ୍ର ଲୋକଟିଏ ଗରିବ ହୋଇ ଜନ୍ମ ହୋଇ ନଥାଏ । ମାତ୍ର ସେ ଯଦି ଗରିବ ହୋଇ ମରିବ ତା' ଆତ୍ମାର ଅଧୋଗତି ହେବ । ସେଥିପାଇଁ ସେହି ବ୍ୟକ୍ତି ଅପରାଧୀ ଅଟେ । ଆମେ କେବଳ ସହଜ କାମ କରିବାକୁ ଇଚ୍ଛା କଲେ ଆମ ଜୀବନ କଷ୍ଟକର ହୋଇଯିବ, ଆମେ ଦରିଦ୍ର ହୋଇଯିବା । ବାଞ୍ଛିତ କର୍ମ ଯେତେ କଷ୍ଟକର ହେଉ ପଛେ ତାହା କରିବାକୁ ଇଚ୍ଛୁକ ହେଲେ, ଆମେ କଦାପି ଦରିଦ୍ର ହୋଇ ରହିବା ନାହିଁ, ଆମ ଜୀବନ ବି ସହଜ ହୋଇଯିବ । ଏହା ମଧ ଅନେକଙ୍କ ପାଇଁ ପ୍ରେରଣାପ୍ରଦ ଓ ସୁଖପ୍ରଦ ହେବ । ଆମର ଖାଦ୍ୟ, ବସ୍ତ୍ର ଓ ବାସଗୃହ ପାଇଁ କୃଷକ ଓ କାରିଗରମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଆମର ସୁରକ୍ଷା ପାଇଁ ସୀମାରେ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଆମ ସେନାବାହିନୀ ଦିନରାତି ସତର୍କ ଓ ଜାଗ୍ରତ ରହିଛନ୍ତି । ମାନବ ଜୀବନକୁ ସରସ, ସୁନ୍ଦର ଓ ଆରାମଦାୟକ କରିବା ପାଇଁ ଯେତେ ସବୁ ସାଧନ, ସ୍ୱାସ୍ଥ୍ୟ ରକ୍ଷା ପାଇଁ ଔଷଧ ଓ ଯନ୍ତ୍ରପାତି ବୈଜ୍ଞାନିକ ଉଦ୍ଭାବନ ଏବଂ ଆବିଷ୍କାରମାନ ସମ୍ଭବିଛି, ତାହା ଅନେକ ଲୋକଙ୍କ ଅକୁଣ୍ଠ ତ୍ୟାଗ, ଅବିଶ୍ରାନ୍ତ ଗବେଷଣା ଓ ଅଭ୍ରାନ୍ତ ନିଷ୍ଠା ଯୋଗୁଁ ହୋଇଛି । ସେମାନେ ପ୍ରାଚୁର୍ଯ୍ୟରେ ଧନୀ ନୁହଁନ୍ତି କିନ୍ତୁ କଲ୍ୟାଣକାରୀ କର୍ମସାଧନରେ ଧନୀ । ଯଦି କେବଳ ଆମରତିମଗ୍ନ ହୋଇ ସେମାନେ ଆରାମରେ ରହିବାକୁ ଚାହିଁ ଥାଆନ୍ତେ, ତେବେ ମାନବ ସଭ୍ୟତାର ଉନ୍ନତି କଦାପି ହୋଇପାରି ନଥାନ୍ତା ।

ବେଶ୍ ଅନୁଭବର କଥା ହେଲା ବ୍ୟକ୍ତିଗତ ଖୁସି ବଦଳରେ ଜଣେ ସାର୍ବଜନୀନ ସୁଖସମୁଦ୍ର ପାଇଁ ଉଚ୍ଚାଭିଳାଷୀ ହେବା ଆବଶ୍ୟକ । ସମଷ୍ଟିର ଖୁସି ଲାଗି ଆମେ ବ୍ୟଷ୍ଟିରେ ସନ୍ତୁଷ୍ଟ ହୋଇ ରହିଗଲେ ସମାଜର ପ୍ରଗତି ହେବନାହିଁ ।

ସକଳ ଦାରିଦ୍ର୍ୟ ସତ୍ତ୍ୱେ ମଣିଷ ତା' ଜୀବନରେ ନିଶ୍ଚୟ ସଫଳତା ହାସଲ କରିପାରିବ : ସେହି ସଫଳତା ହେବ ବହୁଜନ ସୁଖାୟ ଓ ବହୁଜନ ହିତାୟ । କେବଳ ବ୍ୟକ୍ତିଗତ ଧନ ସମ୍ପତ୍ତି, ସୁଖ ଅର୍ଜନକୁ ଗୁରୁତ୍ୱ ଦେଲେ ଆମେ କେବଳ ସଚ୍ଚୋଟ ଗରିବ ହୋଇ ରହିଯିବା । ଏ 'ଗରିବୀ' ହଟିବ କିପରି ? ଯିଏ ନିଜର ଗରିବୀକୁ ଚିହ୍ନିପାରେ, ସେ – ଗରିବ ନହେବା ପାଇଁ ଆବଶ୍ୟକ ପଦକ୍ଷେପ ନିଏ । ସେ ନିଜ ଦ୍ୱନ୍ଦ୍ୱର ସମାଧାନ ନିଜେ କରେ । ନିଜକୁ ଓ ଅନ୍ୟକୁ ଅତ୍ୟଧିକ ଶ୍ରମରୁ ବଞ୍ଚାଇବା ଏବଂ ଆରାମ ପ୍ରଦାନ କରିବା ପାଇଁ ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟ ନିଏ । ଚାକିରୀ, ପଦୋନ୍ନତି, ଖର୍ଚ୍ଚ ହ୍ରାସ, ଋଣ ପରିଶୋଧ, ଆର୍ଥିକ ବୋଝରୁ ମୁକ୍ତି ଆଦି ବିଷୟରେ ସେ ପ୍ରକୃତ ହିତୈଷୀଙ୍କ ଠାରୁ ପରାମର୍ଶ ଲୋଡ଼ି ନିଜ ପରିସ୍ଥିତିରେ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରେ । ଆଧ୍ୟାତ୍ମିକ ମାର୍ଗରେ ଦାରିଦ୍ର୍ୟକୁ ସ୍ୱୀକାର କରିନେବାକୁ ପଡ଼େ । ଏହାର ଅର୍ଥ ନିଜ ଭାଗ୍ୟ ନିଜକୁ ବିପଦରେ ପକାଉଛି ବୋଲି ଭାବିବା ଅନୁଚିତ । ତଥାପି ଯଦି ମନରେ ଅସହାୟତା ରହେ, ତାହା ଆମର ଗରିବୀ ନୁହେଁ କି ? ଶାରୀରିକ ଓ ସାଧନଗତ ଦୈନ୍ୟ ହେଉଛି ଦାରିଦ୍ର୍ୟ ମାତ୍ର ମାନସିକ ଦୈନ୍ୟ ହେଉଛି ଗରିବୀ । ଏହି ଗରିବୀ ହିଁ ଆମର ସମସ୍ୟା ।

## ଶରୀର ହିତରେ ଡାଲ୍‌ଚିନି

ରାତିରେ ଗରମ କ୍ଷୀର ପିଇଲେ ଭଲ ନିଦ ଆସିଥାଏ । ଏଥିରେ ଆମିନୋ ଏସିଡ୍ ଥାଏ, ଯାହା ମସ୍ତିଷ୍କକୁ ଶାନ୍ତ କରି ଭଲ ନିଦ ହେବାରେ ସାହାଯ୍ୟ କରିଥାଏ । ପୁଣି ଯଦି ଏଥିରେ ଡାଲଚିନି କିମ୍ବା ମହୁ ମିଶାଇବେ ତେବେ ଏହାର ଆଣ୍ଟିବ୍ୟାକ୍ଟେରିଆ ଗୁଣ ବଢ଼ିଯିବ । ଏହା ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଏବଂ ସଂକ୍ରମଣ ଦୂର କରିବାରେ ସାହାଯ୍ୟ କରିବ । ଏହା ମଧ ଶରୀରର ମୋଟାପଣ ଦୂର କରିବାରେ ସହାୟକ ହେବ । ସୁନିଦ୍ରା ପାଇଁ: ଯଦି ଆପଣଙ୍କୁ ଠିକ୍ ଭାବେ ନିଦ ହେଉ ନ ଥାଏ ତେବେ କ୍ଷୀରରେ ଡାଲଚିନି ଗୁଣ୍ଡ ଗୋଳାଇ ପିଅନ୍ତୁ । ଏହା ନିଦ ଆସିବାରେ ସାହାଯ୍ୟ କରିବ ।

## ଆଜିର ଚିନ୍ତନ

ସମୟ ହେଉଛି ଚିରନ୍ତନ । ଏହାର କୂଳ ନାହିଁ କି କିନାରା ନାହିଁ, ବ୍ୟାପ୍ତି ନାହିଁ କି ବିଭାଗ ନାହିଁ, ଅତୀତ ନାହିଁ କି ଭବିଷ୍ୟତ ମଧ ନାହିଁ । ଏହାର ପ୍ରକୃତରେ ଗୋଟିଏ ମାତ୍ର ନାମ ଅଛି ତାହା ହେଉଛି ବର୍ତ୍ତମାନ । ଏହି ବର୍ତ୍ତମାନ ନିତ୍ୟ ଓ ଚିରନ୍ତନ । ସମୟକୁ କୁହାଯାଏ କାଳ । ଏହି କାଳକୁ ଯିଏ ଜାଣିଛି, ଯିଏ ନିୟନ୍ତ୍ରଣରେ ରଖିଛି ତାହାକୁ କୁହାଯାଏ ମହାକାଳ । କାଳ ଯେତେବେଳେ ଅତୀତ ଓ ଭବିଷ୍ୟତର ବନ୍ଧନ ଭିତରୁ ମୁକ୍ତ ହୋଇଯାଏ ସେତେବେଳେ ତାହା ମଧ ହୋଇଯାଏ ମହାକାଳ । ପ୍ରତ୍ୟେକ ମନୁଷ୍ୟକୁ ଏହି କାଳ ଅତୀତ, ବର୍ତ୍ତମାନ ଓ ଭବଷ୍ୟତ ସହ ବାନ୍ଧିଦିଏ ଏବଂ ମନୁଷ୍ୟକୁ ଭାଗ୍ୟବାଦୀ କରାଇଦିଏ । ଅତୀତ ପାଇଁ ଅନୁତାପ ଓ ଭବିଷ୍ୟତ ପାଇଁ ଯୋଜନା କରୁ କରୁ ମନୁଷ୍ୟ କାଳର କବଳରେ ପଡିଯାଏ । ଆଉ ମଧ ନିଜର ବର୍ତ୍ତମାନକୁ ଭୁଲିଯାଏ । ମନୁଷ୍ୟ ଜୀବନର ସମସ୍ତ ବିଫଳତା, ସମସ୍ତ ଦୁଃଖ ଓ ଯନ୍ତ୍ରଣା, ସମସ୍ତ ହତାଶା ଓ ବ୍ୟସ୍ତତାର ଏକମାତ୍ର କାରଣ ହେଉଛି ମନୁଷ୍ୟ ବର୍ତ୍ତମାନର ସଦ୍ ବିନିଯୋଗ କରେ ନାହିଁ । ସମାଜର ବହୁ ସମସ୍ୟା ଅତୀତ ବା ଭବିଷ୍ୟତ ସହ ବଞ୍ଚନ୍ତି । ସେମାନେ ବୁଝି ପାରନ୍ତି ନାହିଁ ଯେ ଅତୀତର ସ୍ଥିତି ନାହିଁ ଓ ଭବିଷ୍ୟତର ଅସ୍ତିତ୍ୱ ନାହିଁ । ଯାହା କିଛି ଅତୀତ ବା ଭବିଷ୍ୟତ ବୋଲି ମନେହୁଏ ତାହା ହେଉଛି ବିଗତ ବର୍ତ୍ତମାନ ଓ ଅନାଗତ ବର୍ତ୍ତମାନ । କେବଳ ଯଦି ବର୍ତ୍ତମାନର ସଦ୍ ଉପଯୋଗ କରାଯାଇ ପାରନ୍ତା ତେବେ ମନୁଷ୍ୟ କାଳକୁ ଜାଣି ପାରନ୍ତା, ନିୟନ୍ତ୍ରଣ କରି ପାରନ୍ତା ଓ ନିଜେ କାଳର କବଳରୁ ମୁକ୍ତ ହୋଇ ମହାକାଳ ହୋଇପାରନ୍ତା । କେବଳ ମହାକାଳ ହିଁ କହିପାରେ ମୁଁ ହେଉଛି କାଳ, ମୁଁ ହେଉଛି ସମୟ ମୁଁ ହେଉଛି ଅତୀତ ଓ ଭବିଷ୍ୟତ, ମୁଁ ହେଉଛି ନିତ୍ୟ ବର୍ତ୍ତମାନ ।

# 'ରାମ୍ ନାମ୍ ସତ୍ୟ ହେ୍ୖ'

### ନାମଯଜ୍ଞ ମିଶ୍ର

ପୁରାଣ ଗାୟକମାନେ ଗାନ କରନ୍ତି- 'ରାମ ! ରାମ ! ରାମ ଯେ ରାମ ! ରାମ ରାମ !

ଯେଉଁ ନାମ ଧଇଲେ ନଦଣ୍ଡେ କାଳ ଯମ, ଏକା ଶ୍ରୀ ହରିନାମକୁ ଭୁଜୁଥିବୁ ମନ । ଅଶେଷ ଦୁରିତ ପାପ ହୋଇବ ଦହନ ।"

ଭଗବାନ ବିଷ୍ଣୁଙ୍କର ଅସଂଖ୍ୟ ନାମ ଅଛି ଏବଂ ପ୍ରତ୍ୟେକ ନାମ ଅଶେଷ ଅସୁମାରି ପାପ ନଷ୍ଟ କରିଥାଏ । 'ନାରାୟଣ ନାମ ଉଚ୍ଚାରଣ କଲା ବୋଲି ମହାପାପୀ ଅଜାମିଳ ଯମଦଣ୍ଡରୁ ମୁକ୍ତ ହୋଇ ବୈକୁଣ୍ଠ ପ୍ରାପ୍ତ ହୋଇଥିଲା । ଏଭଳି ଅନେକାନେକ ଉଦାହରଣ ସତ୍ତ୍ୱେ ଅନ୍ୟନାମ ଅପେକ୍ଷା 'ରାମ' ନାମକୁ ବିଶିଷ୍ଟତା ପ୍ରଦାନ କରି ଏହି ନାମ ଧଇଲେ କାଳ ଦଣ୍ଡି ପାରିବ ନାହିଁ ବୋଲି ଗାଇବାର ତାତ୍ପର୍ଯ୍ୟ କ'ଣ ? କେବଳ ସେତିକି ନୁହେଁ, ମରଣାସନ୍ନ ରୋଗୀକୁ 'ରାମ' ନାମ ଧରି ପ୍ରବର୍ତ୍ତା ଯାଇଥାଏ ଓ ସର୍ବତ୍ର ମୃତ ଶରୀରକୁ ଶ୍ମଶାନକୁ ଦାହ ସଂସ୍କାର ପାଇଁ ନେବା ବେଳେ ଶବ ବାହକ ଗଣ କେବଳ 'ରାମ ନାମ ସତ୍ୟ ହୈ', ବୋଲି ବୋଲି ଯାଆନ୍ତି କାହିଁକି ?

'ରାମ ନାମ ପ୍ରାଣ ବାଚକ । ଏହି ନାମର ମହିମା ଅଶେଷ ଭାବରେ ପରିକୀର୍ତ୍ତିତ, ଏହି ନାମକୁ ଓଲଟ । ଜପ କରି କରି ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମିକୀ ଭାବରେ ରୂପାନ୍ତରିତ ହୋଇଥିଲେ । ମୃଗ ଭ୍ରମ ବଶତଃ ଦଶରଥଙ୍କ ଶବ୍ଦ ଭେଦୀ ବାଣ ଯୋଗେ ମୁନିପୁତ୍ର ନିହତ ହୋଇଥିବା ପାପ ପାଳନ ପାଇଁ ମହର୍ଷି ବଶିଷ୍ଠ ତନୟ ବାମଦେବ ଦଶରଥଙ୍କୁ ତିନିବାର 'ରାମ' ନାମ ଜପ କରିବାକୁ କହିଥିଲେ । ଏକ ରାମ ନାମ ଜପରେ ସୃଷ୍ଟି ଯାକର ପାପ ନଷ୍ଟ ହେବା ସତ୍ତ୍ୱେ, ଏକବାର ସ୍ଥଳରେ ଆଧିକ୍ୟ ଭାବେ, ତିନିବାର ଜପ ବ୍ରବସ୍ଥା ଦେଇଥିବାରୁ ମହର୍ଷି ବଶିଷ୍ଠ ନିଜ ପୁତ୍ରଙ୍କୁ ତିରସ୍କାର କରିଥିଲେ ସେ ଅଲଗା କଥା । ପ୍ରତ୍ୟେକ ଜୀବର ପ୍ରାଣତନ୍ତ୍ରୀରେ ପ୍ରତ୍ୟେକ ଶ୍ୱାସ ପ୍ରଶ୍ୱାସରେ ଅହରହ ରାମ ନାମ ଧ୍ୱନିତ । ଜୀବ ଜାଣିବ କେହି ରାମ ନାମକୁ ଛାଡି ଅଲଗା ରହି ପାରନ୍ତି ନାହିଁ । ତେଣୁ ରାମ 'ସର୍ବଘଟ ବୈଠା, ପ୍ରାଣାରାମ ସେ, ସୁତରାଂ କୈକୟୀ ବରମାଗି ରାମଚନ୍ଦ୍ରଙ୍କୁ ବନବାସକୁ ପଠାଇଥିବାରୁ ମହାତ୍ମା ଭରତ ତାଙ୍କୁ ତିରସ୍କାର କରି କହିଥିଲେ । ରେ ଅଚର କୋହି ଜଗମାହି, ଯେହି ରଘୁ ନାଥ ପ୍ରାଣପ୍ରିୟ ନାହିଁ ।

ଅର୍ଥାତ୍ ବିଶ୍ୱ ବ୍ରହ୍ମାଣ୍ଡରେ ଚର ଅଚର ଯେତେକ ପ୍ରାଣୀ ଅଛନ୍ତି ସର୍ବଘଟରେ ରଘୁବର ରାମଚନ୍ଦ୍ର ପ୍ରାଣ ସ୍ୱରୂପ ବିଦ୍ୟମାନ ଅଛନ୍ତି ଓ ତେଣୁ ସେ ସମସ୍ତଙ୍କର ପ୍ରିୟ ଅଟନ୍ତି । ନିଜ ପ୍ରାଣ କାହାର ବା ପ୍ରିୟ ନୁହେଁ ଯେ ରାମଙ୍କୁ କେହି ଅପ୍ରିୟମନେ କରି ତାଙ୍କୁ ଦୁରେଇ ପାରିବ ? ରାମ ନାମ ସହିତ ପ୍ରାଣ ସର୍ବଦା ଜଡିତ ଥିବାରୁ ରାମ ନାମର ଉଚ୍ଚାରଣ ଏକ ପ୍ରକାରେ ପ୍ରାଣର ଆବାହନ ଅଟେ । ତେଣୁ ମରଣାସନ୍ନକୁ ଏ ନାମ ଶୁଣାଇଲେ ତାର ପ୍ରାଣ ଦେହତ୍ୟାଗୀ ଉଦବେଳତା ପରିତ୍ୟାଗ କରି ସୃଷ୍ଟିର ଭାବରେ ଘଟରେ ବସି ରହିପାରେ । ପ୍ରାଣତ୍ୟାଗ ପରେ ମଧ ପ୍ରିୟରାମ ନାମର ଉଚ୍ଚାରଣ ଘଟକୁ ପୁନଃ ଆମନ୍ତ୍ରଣ ଅଟେ । ରାମ ଅନୁଜ ଲକ୍ଷ୍ମଣଙ୍କ ସହ ବୁଲି ବୁଲି ସୀତା ଅନ୍ୱେଷଣ ସମୟରେ ସୁଗ୍ରୀବଙ୍କ ସହିତ ମିତ୍ର ହୋଇ ବାନର ରାଜ ବଳିକୁ ବଧ କରି ସୁଗ୍ରୀବଙ୍କୁ କିଷ୍କିନ୍ଧାରେ ରାଜା କଲେ । ସୁଗ୍ରୀବଙ୍କର ବାନର ଯୁଥଙ୍କୁ ଚତୁର୍ଦ୍ଦିଗକୁ ସୀତା ଅନ୍ୱେଷଣ ନିମିତ୍ତ ପଠାଗଲା । ଦକ୍ଷିଣ ଦିଗରୁ ପ୍ରେରିତ କପି ଯୁଥ ମଧ୍ୟରେ ଥିଲେ ପବନ ତନୟ ହନୁମାନ । ହନୁମାନ ବାଲ୍ୟକାଳରେ ଉପଦ୍ରବ କରୁଥିବାରୁ ଋଷିଗଣଙ୍କ ଦ୍ୱାରା ଶାପପ୍ରାପ୍ତ ହୋଇଥିଲେ ଯେ, ସେ ନିଜ ପରାକ୍ରମ ଭୁଲି ନିର୍ବାକ ରହିବେ, ମାତ୍ର ରାମଙ୍କ ଦର୍ଶନ ପରେ ରାମ ନାମ ସ୍ମରଣ ମାତ୍ରକେ ଅତୁଳ ବଳଶାଳୀ ହେବେ ।

ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ

ବର୍ଷ ୨୮, ସଂଖ୍ୟା - ୨୩, ୦୯ - ୧୫ ଜୁନ୍ ୨୦୨୪

# ଅଢ଼େଇ ଦଶନ୍ଧି ଯାତ୍ରାରେ ବିରାମ

ରାଜନୀତିରେ ରୁଚି ନ ଥିଲା । ବାପା ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ବାଧବାଧକତାରେ ଦିଲ୍ଲୀରୁ ଓଡ଼ିଶା ଆସିଲେ ନବୀନ । ରାଜନୀତିରେ ପ୍ରବେଶ କଲେ । ୨୦୦୦ ମାର୍ଚ୍ଚ ୫ରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଲେ । ମୋଦି ସୁନାମିରେ 'ବ୍ରାଣ୍ଡ ନବୀନ' ବିଧ୍ୱସ୍ତ । ଅଟଳ ଓ ଅପରାଜେୟ ନବୀନ ପଟ୍ଟନାୟକଙ୍କୁ ଲାଗିଛି ଶକ୍ତ ଧକ୍କା । ମୁଖ୍ୟମନ୍ତ୍ରୀ ଭାବେ ୨୪ ବର୍ଷର ନିରଙ୍କୁଶ ଯାତ୍ରାରେ ପଡ଼ିଛି ଯବନିକା । ନବୀନ ପାଲଟିଗଲେ ପୂର୍ବତନ ମୁଖ୍ୟମନ୍ତ୍ରୀ । ବିଜୁ ଜନତା ଦଳ ବିପର୍ଯ୍ୟୟ ମାଡ଼ରେ ମାଟି କାମୁଡ଼ିଛି । ଭୋଟ ଚବିଶରେ ନବୀନଙ୍କ ଏଭଳି ଅକଳ୍ପନୀୟ ଧରାଶାୟୀ ଅବସ୍ଥାକୁ ନେଇ ସାରା ଦେଶର ରାଜନେତା ଓ ଗଣମାଧ୍ୟମ ଚକିତ । କ'ଣ ହେଲା କେହି କିଛି ବୁଝିପାରୁ ନାହାନ୍ତି ।

ଆଉ ଦିନ କେଇଟା ପରେ ଇତିହାସ ରଚିଥାନ୍ତେ ନବୀନ । ଦେଶର ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ଭାର ସମ୍ଭାଳିବାର ରେକର୍ଡ ତାଙ୍କରି ନାଁରେ ଇତିହାସ ଲେଖିଥାନ୍ତା । ମାତ୍ର ସମୟର ବିଡ଼ମ୍ବନା ଇତିହାସ ରଚିବା ବଦଳରେ ନବୀନ ପାଲଟିଗଲେ ଇତିହାସ । ମୋଦି ସୁନାମୀ ଏତେ ଶକ୍ତ ଥିଲା ଯେ, ଦୀର୍ଘ ଅଢ଼େଇ ଦଶନ୍ଧି ହେବ ରାଜ୍ୟ ରାଜନୀତିର ମେରିଖୁଣ୍ଟ ସ୍ୱୟଂ ନବୀନ କଣ୍ଟାବାଞ୍ଜି ଆସନରୁ ଚିତ୍‌ପଟାଙ୍ଗ ମାରିଲେ । ନିଜ ପାରମ୍ପରିକ ଆସନ ହିଞ୍ଜିଳିରୁ ହାରୁ ହାରୁ କମ୍ ଭୋଟ ବ୍ୟବଧାନରେ ଜିତିଲେ । ତାଙ୍କ ଦକ୍ଷ ନେତୃତ୍ୱରେ ଓଡ଼ିଶାର ସ୍ୱରକୁ ଦିଲ୍ଲୀ ଦରବାରରେ ଶାଣିତ କରୁଥିବା ବିଜେଡି ଲୋକସଭା ଆସନଗୁଡ଼ିକରେ ମୂଳପୋଛ ହୋଇଯାଇଛି । ନବୀନଙ୍କ ଡଜନ ଡ଼ଜନ ଅଭିଜ୍ଞ ଓ ଓଜନିଆ ନେତା ପରାଜୟରେ ମାଟି କାମୁଡ଼ିଛନ୍ତି । ଏକରକମ ଶେଷ ହୋଇଛି ନବୀନ ଯୁଗ ।

ବିଜୁଙ୍କ ଦେହାନ୍ତ ପରେ ବାଧରେ ଦିଲ୍ଲୀକୁ ବାଏ ବାଏ କହି ଓଡ଼ିଶା ଆସିଲେ ନବୀନ । ୧୯୯୭ରେ ଗଠନ ହେଲା ବିଜୁ ଜନତା ଦଳ । ରାଜନୀତିକୁ ସେ ପ୍ରବେଶ କଲେ । ବିଜୁଙ୍କ ଆସ୍କା ଆସନରୁ ଏମପି ଭାବେ ନିର୍ବାଚିତ ହେଲେ । କେନ୍ଦ୍ରରେ ମିଳିଲା ମନ୍ତ୍ରୀ ପଦ । ୨୦୦୦ ମସିହାରେ ନବୀନଙ୍କ ନେତୃତ୍ୱରେ ବିଜେଡି-ବିଜେପି ମେଣ୍ଟ ବିଧାନସଭା ଲଢ଼ିଲା । ମିଳିଲା ଅପାର ସଫଳତା । ୨୦୦୦ ମାର୍ଚ୍ଚ ୫ରେ ନବୀନ ସମ୍ଭାଳିଲେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାର ।


ମହାବାତ୍ୟା ପରେ ଛାରଖାର ଓଡ଼ିଶାର ମୁଖିଆ ଭାବେ ନବୀନଙ୍କ ଆଗରେ ଥିଲା ବଡ଼ ଚାଲେଞ୍ଜ । ନିଜ ନିଷ୍ଠା ଓ ପରିଶ୍ରମ ବଳରେ ନବୀନ କିନ୍ତୁ ବିପର୍ଯ୍ୟୟରୁ ରାଜ୍ୟକୁ ଟ୍ରାକକୁ ଫେରାଇବାରେ ସକ୍ଷମ ହେଲେ । ବିକାଶର ବୀଜ ବୁଣିଲେ । ଦୁଇ ପାଳି ବିଜେଡି-ବିଜେପିର ମେଣ୍ଟ ସରକାର ରାଜ୍ୟକୁ ଶାସନ କଲା । ୨୦୦୮ ଅଗଷ୍ଟ ମାସରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ପରେ କନ୍ଧମାଳ ଦଙ୍ଗାର କଳଙ୍କ ସରକାର ମୁଣ୍ଡରେ ଲାଗିଲା । ୨୦୦୯ରେ ଦୃଢ଼ମନା ନବୀନ ଠିକ୍ ନିର୍ବାଚନ ପୂର୍ବରୁ ବିଜେପିର ହାତ ଛାଡ଼ିଦେଲେ । ବିଜେଡି ଏକା ଲଢ଼ିଲା ନିର୍ବାଚନ । ବିଧାନସଭାରେ ଦଳର ସ୍କୋର ହେଲା ୧୦୩ । ୨୦୧୪ରେ ୧୧୭ ଏବଂ ୨୦୧୯ରେ ୧୧୩ ଆସନ ଜିତି ନବୀନ ନୂଆ ରେକର୍ଡ ଯୋଡ଼ିଲେ । ୨୦୧୨ ରେ ପ୍ୟାରୀ ମହାପାତ୍ରଙ୍କ 'ମିଡ୍ ନାଇଟ ଅପରେସନ'ର ଧକ୍କା ମଧ୍ୟ ସମ୍ଭାଳିଥିଲେ ।

ନବୀନଙ୍କ ୫ ଥାକିଆ ମୁଖ୍ୟମନ୍ତ୍ରୀ ପାଳି ଗୋଲାପି ନଥିଲା । କଣ୍ଟକିତ ରାସ୍ତାରେ ତାଙ୍କୁ ବାଟ ଚାଲିବାକୁ ପଡ଼ିଛି । ନିଜର ଦୁର୍ନୀତିମୁକ୍ତ ଉଜ୍ଜ୍ୱଳ ଭାବମୂର୍ତ୍ତିରେ ନବୀନ ସବୁ ବିପତ୍ତିକୁ ଟାଳିଛନ୍ତି । ଚିଟଫଣ୍ଡ୍‌ର ଭୂତ ଗୋଡ଼ାଇଛି । ଫାଇଲିନ୍, ହୁଡ଼ହୁଡ଼ । ଫୋନି ଭଳି ବିପର୍ଯ୍ୟୟ ଆସିଛି । ନବୀନ କିନ୍ତୁ ସଫଳ ମୁକାବିଲା କରିଥିଲେ । ମହାମାରୀ କୋଭିଡ୍ ପରିଚାଳନାରେ ମଧ୍ୟ ସାଉଁଟିଥିଲେ ପ୍ରଶଂସା । ମାତ୍ର ଚଳିତ ନିର୍ବାଚନରେ ଜନତା ଜନାର୍ଦ୍ଦନ ପରିବର୍ତ୍ତନ ଚାହିଁଲେ । ମହାଦ୍ରୁମ ନବୀନ ହେଲେ ଧରାଶାୟୀ । ନୂଆ ଓଡ଼ିଶା ଗଢ଼ିବାର ସ୍ୱପ୍ନକୁ ସଫଳ କରିବାକୁ ଢ଼େର ପରିଶ୍ରମ କରିବାକୁ ଅଣ୍ଟା ଭିଡ଼ିଥିଲେ ନବୀନ । ପ୍ରତିଶ୍ରୁତି ନୁହେଁ ଗ୍ୟାରେଣ୍ଟି'ର ସ୍ଲୋଗାନକୁ କାର୍ଯ୍ୟକାରୀ କରିବାକୁ ବହୁ ଅଭିନବ ଯୋଜନା ହାତକୁ ନେଇଥିଲେ । ଟଙ୍କିକିଆ ଚାଉଳ, ବିଏସ୍‌କେୱାଇ, ମମତା, କାଳିଆ, ମିଶନଶକ୍ତି, ଲକ୍ଷ୍ମୀ ବସ୍ ଭଳି ଯୋଜନା ସହ ଶେଷ ପାଳିରେ ନବୀନ '୫ ଟି' ଓ 'ମୋ ସରକାର'କୁ ଅଗ୍ରାଧିକାର ଦେଇଥିଲେ । ରୂପାନ୍ତରୀକରଣର ନୂଆଯୁଗ ରାଜ୍ୟରେ ଆରମ୍ଭ ହୋଇଥିଲା । ଶ୍ରୀମନ୍ଦିର ପରିକ୍ରମା ଯୋଜନାରୁ ଆରମ୍ଭ କରି ସମଲେଇ ପ୍ରକଳ୍ପ ମଧ୍ୟ ଥିଲା ନବୀନଙ୍କ ପରିକଳ୍ପନା ।

ନିରଳସ ଜୀବନଯାପନ ସହ ସରଳତା ଓ ନିର୍ମଳ ଭାବମୂର୍ତ୍ତି ପାଇଁ ସାରା ଦେଶରେ ନବୀନ ତିଆରି କରିଛନ୍ତି ଭିନ୍ନ ଏକ ପରିଚୟ । କେବଳ ଦେଶ ନୁହଁ, ବିଦେଶରେ ମଧ୍ୟ ନିଜ ବ୍ରାଣ୍ଡଭାଲ୍ୟୁ ପାଇଁ ନବୀନ ବେଶ୍ ପରିଚିତ । ବିଜେପି ଓ କଂଗ୍ରେସ ଠାରୁ ନବାନ ସମଦୂରତାରେ ରହିଥିଲେ । ଦିଲ୍ଲୀ ଦରବାର ପାଇଁ ଲୋଭ ନ ଥିଲା । ମାତ୍ର ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ନଦୀନ ପରାକୟ ବରଣ କରିଛନ୍ତି । ମୋଦି ଲହର ସବୁକିଛି ପୋଛି ନେଇଛି । କୁମାୟତ ୫ ପାଳିର ମୁଖ୍ୟମନ୍ତ୍ରୀ ମହାବିଜେତା ନବୀନଙ୍କ ସଫେଦ କୁର୍ତ୍ତାରେ ଲାଗିଛି ପରାଜୟର କଳା ଦାଗ ।

# ସାହସୀର ଅହିଂସା

## ମହାତ୍ମା ଗାନ୍ଧୀ



ଅହିଂସା ପାଇଁ କୌଣସି ବାହାରର କିମ୍ବା ବାହ୍ୟ ତାଲିମର ପ୍ରୟୋଜନ ନାହିଁ । ପ୍ରତିଶୋଧ ନେବା ପାଇଁ ହତ୍ୟା ନ କରିବାର ଇଚ୍ଛା ଏବଂ ପ୍ରତିଶୋଧ ନ ନେଇ ମୃତ୍ୟୁର ସମ୍ମୁଖୀନ ହେବାର ସାହସ, ଅହିଂସା ପାଇଁ କେବଳ ଏତିକି ଦରକାର । ଏହା ଦ୍ୱାରା ମୁଁ ଅହିଂସା ବିଷୟରେ କୌଣସି ଧର୍ମୋପଦେଶ ଦେଉନାହିଁ, ମୁଁ କେବଳ ନିରାଟ ବିବେକବୁଦ୍ଧିର କଥା କହୁଛି ଏବଂ ବିଶ୍ୱବିଧାନକୁ ବ୍ୟକ୍ତ ହିଁ କରୁଛି । ବିଧାନଟି ଉପରେ ଆଧାତ୍ମ ବିଶ୍ୱାସ ରହିଥିଲେ କୌଣସି ପ୍ରକାର ଉତ୍ତେଜନା କଦାପି ଧୈର୍ଯ୍ୟର ପ୍ରୟୋଗକୁ ପ୍ରତିହତ କରି ପାରିବ ନାହିଁ । ମୁଁ ଏହାକୁ ହିଁ ସାହସୀର ଅହିଂସା ବୋଲି ବର୍ଣ୍ଣନା କରିଛି ।

କେବଳ ଜଣେ ବ୍ୟକ୍ତି ବ୍ୟବହାର କରି ପାରୁଥିବା ଅହିଂସାର ସମାଜର ପରିପ୍ରେକ୍ଷୀରେ ଆଦୌ ଖୁବ ବେଶୀ ସାମର୍ଥ୍ୟ ନଥାଏ । ମନୁଷ୍ୟ ହେଉଛି ଏକ ସାମାଜିକ ପ୍ରାଣୀ । ତା'ର ଉପାର୍ଜିତ ସାମର୍ଥ୍ୟଗୁଡ଼ିକ ପ୍ରକୃତରେ କୌଣସି କାମରେ ଲାଗି ପାରିବାକୁ ହେଲେ ଯଥେଷ୍ଟ ପରିମାଣରେ କର୍ମନିଷ୍ଠା ରହିଥିବା ଯେକୌଣସି ବ୍ୟକ୍ତି ମଧ ସେଗୁଡ଼ିକୁ ଅର୍ଜନ କରି ପାରୁଥିବା ଉଚିତ । ଯାହାକୁ କେବଳ ବନ୍ଧୁମାନଙ୍କ ମଧରେ ପ୍ରୟୋଗ କରାଯାଇ ପାରିବ, ଅହିଂସାର କେବଳ ଏକ କ୍ଷୁଦ୍ର ଅଗ୍ନିକଣା ହିସାବରେ ହିଁ ତାହାର କିଛି ମୂଲ୍ୟ ରହିଛି । ତାହାକୁ ଅହିଂସା ବୋଲି ଅଭିହିତ କରିହେବ ନାହିଁ । 'ଅହିଂସାର ସମ୍ମୁଖରେ ସକଳ ଶତୃତା ଅନ୍ତର୍ହିତ ହୋଇଯାଏ' ବୋଲି ଗୋଟିଏ ମହାନ୍ ଉକ୍ତି ରହିଛି । ଏହାର ଅର୍ଥ ହେଉଛି, ଏକ ଅତିବୃହତ୍ ଶତ୍ରୁତାକୁ ଦୂର କରିବାକୁ ହେଲେ ଠିକ୍ ସେହି ପରିମାଣର ଅହିଂସା ଆବଶ୍ୟକ ହୋଇଥାଏ ।

ଏହି ସାମର୍ଥ୍ୟଟିର ଅନୁଶୀଳନ ଲାଗି ହୁଏତ ଏକ ଦୀର୍ଘ ଅଭ୍ୟାସର ପ୍ରୟୋଜନ ହୁଏ, ହୁଏତ ଏକାଧିକ ଜନ୍ମର ଅଭ୍ୟାସ ଦରକାର ହୋଇଥାଏ । ସେଥିପାଇଁ ଏହାକୁ କଦାପି ନିରର୍ଥକ ବୋଲି କହି ହେବନାହିଁ । ଏହି ମାର୍ଗରେ ଗତି କରି ଅହିଂସାର ତୀର୍ଥଯାତ୍ରୀ ଦିନକୁ ଦିନ ଅଧିକ ସମ୍ପଦଶାଳୀ ଅଭିଜ୍ଞତା ଲାଭ କରୁଥିବ, ଯେପରିକି, ଶିଖର ଦେଶରେ ପହଞ୍ଚି ଯେ ଅବଶ୍ୟ ଯେଉଁ ସୌନ୍ଦର୍ଯ୍ୟଟିର ଦର୍ଶନ ଲାଭ କରିବ, ସେ କ୍ରମେ ତାହାରି ଆଭାସ ପାଇ ଯାଇଥବ । ଏହା ତାହାର ଉତ୍ସାହକୁ ବଢ଼ାଇ ଦେଉଥିବ । ଏଥିରୁ ଯେପରି କେହି ଏଭଳି ଅନୁମାନ ନକରେ ଯେ, ଏହି ପଥରେ କେବଳ ଗୋଲାପର ହିଁ ଗୋଟିଏ ଗାଲିଚା ପଡ଼ିଥିବ ଓ ଗୋଟିଏ ବୋଲି କଣ୍ଟା ନଥିବ । ଜଣେ କବି ଗାଇ ଯାଇଛନ୍ତି ଯେ, ଭଗବାନଙ୍କ ପାଖକୁ ପଡ଼ିଥିବା ବାଟଟି କେବଳ ଜଣେ ବୃହତ୍ ସାହସୀ ପାଇଁ, ଦୁର୍ବଳହୃଦୟ ପାଇଁ ଆଦୌ ନୁହେଁ । ଆଜିର ବାତାବରଣ ବିଷ ଦ୍ୱାରା ଏପରି ଅନୁସିକ୍ତ ହୋଇ ରହିଛି ଯେ, ମଣିଷ ପୁରାତନମାନଙ୍କର ପ୍ରଜ୍ଞାକୁ ସ୍ମରଣ କରିବାକୁ ମଧ ରାଜୀ ହେଉନାହିଁ ଏବଂ ସକ୍ରିୟ ଅହିଂସାର ବିଚିତ୍ର କ୍ଷୁଦ୍ର ଅନୁଭବଟି ମଧ ଦେଖିବାକୁ ଇଚ୍ଛା କରୁନାହିଁ । 'ଏକ ଉତ୍ତମ ପଦକ୍ଷେପ ଦ୍ୱାରା ଏକ ମନ୍ଦ ପଦକ୍ଷେପର ପ୍ରଭାବକୁ ନଷ୍ଟ କରି ଦିଆଯାଏ '- ଏହି ଉକ୍ତିଟିକୁ ଆମେ ବଞ୍ଚୁଥିବା ପ୍ରାତ୍ୟହିକ ଜୀବନରେ ହିଁ ଅଙ୍ଗେ ନିଭାଉଥିବା । ଆମେ କାହିଁକି ଏତିକି ଦେଖିପାରୁ ନାହୁଁ ଯେ, ଯଦି ବିଶ୍ୱର ଯାବତୀୟ କାର୍ଯ୍ୟକଳାପର ମୋଟ ପରିଣାମ କେବଳ ବିନାଶ ପାଇଁ ହିଁ ହେଉଥାନ୍ତା, ତେବେ କେଉଁ କାଳରୁ ପୃଥିବୀର ବିନାଶ ହୋଇ ସାରନ୍ତାଣି ? ପ୍ରେମ, ଅର୍ଥାତ୍ ଅହିଂସା ହିଁ ଆମର ଏହି ଗ୍ରହଟିକୁ ବଞ୍ଚାଇ ରଖିଛି । ଏହି କଥାଟିକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ । ଜୀବନର ଏହି ବହୁମୂଲ୍ୟ ଭୂଷଣଟିକୁ ସକଳ ଉଦ୍ୟମ ଦେଇ ଅନୁଶୀଳନ କରିବାକୁ ହେବ, ଅତ୍ୟନ୍ତ ସ୍ୱଭାବପ୍ରବୃତ୍ତଭାବରେ କରିବାକୁ ହେବ, କାରଣ ଏହା ହିଁ ଉତ୍ତୋଳନ ଆଣିଦେବ । ଓହ୍ଲାଇ ଆସିବା ଅତ୍ୟନ୍ତ ସହଜ, ମାତ୍ର ଆରୋହଣ କଦାପି ସହଜ ନୁହେଁ । ଆମ ଭିତରୁ ଅଧିକାଂଶ ମନୁଷ୍ୟ ଅଶୃଙ୍ଖଳିତ ହୋଇ ରହିଥିବାରୁ ଆମେ ନିଜର ନିତି ଦିନର ଅଭିଜ୍ଞତାରୂପେ ଏତେଟିକିଏ ବାହାନା ମିଳିଯିବା କ୍ଷଣି କେବଳ ପରସ୍ପର ସହିତ କଳହ କରିବାରେ ଏବଂ ପରସ୍ପରକୁ ଅଭିଶାପ ଦେବାରେ ହିଁ ଲାଗି ରହିଛୁ ।

ଅହିଂସାର ଏହି ମହା ମୂଲ୍ୟବାନ୍ ସାମର୍ଥ୍ୟଟି କଠୋର ଶୃଙ୍ଖଳାର ଅଧିକାରୀ ହୋଇ ପାରିଥିବା ଜଣେ ବ୍ୟକ୍ତିର ଜୀବନରେ ସହଜରେ ହିଁ ସମ୍ଭବ ହେବ ।

ଅନ୍ୟମାନଙ୍କ ସହିତ ଆପଣାର ବ୍ୟକ୍ତିଗତ ସମ୍ପର୍କଗୁଡ଼ିକରେ ଯଦି ଜଣେ ଅହିଂସାର ଅନୁଶୀଳନ କରୁ ନଥିବ ଏବଂ ତାହାକୁ ବୃହତ୍ତର ବ୍ୟାପାରଗୁଡ଼ିକର କ୍ଷେତ୍ରରେ ବ୍ୟବହାର କରିବା ପାଇଁ ଆଶା ରଖିଥିବ, ତେବେ ସେ ତକ୍ରାରା ବଡ଼ ଭୁଲ କରୁଛି ବୋଲି କୁହାଯିବ । ଠିକ୍ ବଦାନ୍ୟତା ପରି ଅହିଂସା ମଧ ପ୍ରଥମେ ନିଜଠାରୁ ହିଁ ଆରମ୍ଭ ହୁଏ ।

ମାତ୍ର, ଜଣେ ବ୍ୟକ୍ତି ନିମନ୍ତେ ଅହିଂସାରେ ପ୍ରଶିକ୍ଷିତ ହେବାକୁ ଯଦି ଆବଶ୍ୟକ ବୋଲି କୁହାଯାଏ, ତେବେ ଗୋଟିଏ ଜାତିର କ୍ଷେତ୍ରରେ ସେହିଭଳି ପ୍ରଶିକ୍ଷଣ ଲାଭ କରିବାକୁ ଆହୁରି ଅଧିକ ଆବଶ୍ୟକ ବୋଲି କୁହାଯାଇ ପାରିବ । ଜଣେ ବ୍ୟକ୍ତି ତା'ର ନିଜ ବୃତ୍ତଟି ଭିତରେ ଅହିଂସ ରହିବ ଏବଂ ବୃତ୍ତର ବାହାରେ ହିଂସାଚରଣ କରୁଥିବ, ଏପରି ମୋଟେ ହୋଇ ପାରିବନାହିଁ । ଅଥବା, ଅନେକ ସମୟରେ ଜଣେ ବ୍ୟକ୍ତି ନିଜ ବୃତ୍ତରେ ମଧ ଅହିଂସ ନଥାଏ, ତାର ଅହିଂସା କେବଳ ବାହାରକୁ ଦେଖିବା ଲାଗି ଅହିଂସା ହୋଇ ରହିଥାଏ । କେବଳ ଯେତେବେଳେ ତୁମକୁ କୌଣସି ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡୁଛି, ଉଦାହରଣ ସ୍ୱରୂପ, ଯେତେବେଳେ କୌଣସି ଚୋର ବା ହତ୍ୟାକାରୀ ଆସି ପହଞ୍ଚି ଯାଉଛି, ସେତିକିବେଳେ ହିଁ ତୁମର ଅହିଂସା ଅସଲ ପରୀକ୍ଷାର ସମ୍ମୁଖୀନ ହେଉଛି । ଅସ୍ତ୍ର ଧାରଣ କରିଥିବା ସେହି ଚୋରର ତୁମେ ବିରୋଧ କରୁଛ ବା ବିରୋଧ କରିବା ଉଚିତ ବୋଲି ବିଚାରୁଛ, ଅଥବା, ନିଜର ଭଲ ପାଇବା ଦ୍ୱାରା ତା'ର ଅସ୍ତ୍ରକୁ ତୁମେ ଅକାମୀ କରିଦେଇ ପାରୁଛ । ଭଲ ମଣିଷମାନଙ୍କ ସହିତ ବାସ କରୁଛ ବୋଲି ତୁମର ଆଚରଣକୁ ହୁଏତ ଅହିଂସ ବୋଲି କୁହାଯାଇ ନପାରେ । ପାରସ୍ପରିକ ଧୈର୍ଯ୍ୟ-ଅବଲମ୍ବନ ହେଉଛି ଅହିଂସା । ତେଣୁ ଅହିଂସା ହିଁ ଜୀବନର ବିଧାନ ବୋଲି ତୁମର ବିଶ୍ୱାସ ଆସିଗଲା ମାତ୍ରକେ ହିଁ, ଯେଉଁମାନେ ତୁମ ପ୍ରତି ହିଂସାଚରଣ କରୁଛନ୍ତି, ସେମାନଙ୍କ ପ୍ରତି ମଧ ତୁମକୁ ଅହିଂସ ଆଚରଣ କରିବାକୁ ପଡ଼ିବ । ସେହି ବିଧାନ ବ୍ୟକ୍ତିମାନଙ୍କ ପରି ଜାତିଗୁଡ଼ିକର କ୍ଷେତ୍ରରେ ମଧ ପ୍ରଯୁଜ୍ୟ ହେବ । ପ୍ରଶିକ୍ଷଣର ଅବଶ୍ୟ ଆବଶ୍ୟକତା ରହିଛି । ଆରମ୍ଭ ବେଳେ ତାହା ଅବଶ୍ୟ ଏକ କ୍ଷୁଦ୍ର ପରିସରରେ ହିଁ ରହିଥିବ । ମାତ୍ର ଯଦି ଯଥାର୍ଥ ପ୍ରତ୍ୟୟ ରହିଥବ, ତେବେ ତା'ପରେ ସବୁକିଛି ଅବଶ୍ୟ ସମ୍ଭବ ହେବ ।

# 'ରାମ୍ ନାମ୍ ...

ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ


ସପ୍ତ ଯୋଜନ ବିସ୍ତୃତ ମହାସିନ୍ଧୁ ପାର ହୋଇ ଲଙ୍କାକୁ ସୀତା ଅନ୍ୱେଷଣ ପାଇଁ ଯିବାକୁ କେହି କପି ସମର ନ ହେବାରୁ 'ଏକାକୀ ରାମ ନାମ ସ୍ମରଣ କରି ମହାପରାକ୍ରମୀ ହନୁମାନ ସିନ୍ଧୁ ଡେଇଁ ଲଙ୍କାରେ ପ୍ରବେଶ କଲେ ଓ ସୀତାଙ୍କୁ ଠାବ କଲେ । ସୀତା ଠାବ ପରେ ରାବଣର ମଧୁବନ ଭଗ୍ନ କରି ଅସଂଖ୍ୟ ଅସୁର ନିପାତ କଲେ ଓ ଶେଷରେ ଇନ୍ଦ୍ରଜିତ କର୍ତ୍ତୃକ ବନ୍ଦୀ ହୋଇ ରାବଣ ସମ୍ମୁଖକୁ ନିଆଗଲେ । ରାବଣ ତାଙ୍କୁ ନାନାବିଧ ଅସ୍ତ୍ର ଶସ୍ତ୍ରରେ ମାରି ନ ପାରି ଶେଷରେ ତାଙ୍କର ଲାଞ୍ଜରେ ତୈଳ ତିନ୍ତାଇ ଅଗ୍ନି ସଂଯୋଗ କରନ୍ତେ ହନୁମାନ ନିଜକୁ ମୁକ୍ତ କରି ଡେଇଁ ଡେଇଁ ସମଗ୍ର ଲଙ୍କା ନଗରୀକୁ ପୋଡି ଦେଲେ । ଅନ୍ୟଉପାୟ ନ ପାଇ ଦେବଜିତ ରାବଣ କାଳଯମଙ୍କୁ ହନୁମାନଙ୍କର ପ୍ରାଣ ହରଣ କରିବାକୁ ଆଦେଶ କଲା । ଦେବଗଣ ତ ମହାପରାକ୍ରମୀ ରାବଣର ଦାସତ୍ୱ ଖଟୁଥିଲେ । ତେଣୁ ତାର ଆଦେଶରେ ଯମ ବାଧ ହୋଇ ହନୁମାନଙ୍କୁ ମାରିବା ପାଇଁ ଭୟଙ୍କର ମୂର୍ତ୍ତୀଧରି ଧାଇଁଲେ । ରାମ ନାମ ସ୍ମରଣ କରି ହନୁମନ୍ତ ଅତ୍ୟନ୍ତ ବିରାଟ ରୂପ ଧରି ଯମ ଦେବତାଙ୍କୁ ଗିଳି ପକାଇଲେ । ବ୍ରହ୍ମା ସହିତ ଦେବଗଣ ରୁଦ୍ର ମୂର୍ତ୍ତୀଧାରୀ ହନୁମାନଙ୍କୁ ଯମଙ୍କର ରକ୍ଷା ପାଇଁ ପ୍ରାର୍ଥନା କଲେ ।

ରୁଦ୍ରମୂର୍ତ୍ତୀ ଧାରି ପଞ୍ଚମୁଖୀ ହନୁମାନ କହିଲେ, ଆଜି ଠାରୁ ମୋର ପ୍ରଭୁ ରାମଙ୍କର ନାମ ଜପସ୍ଥାନରେ ଯମର ଅଧିକାର ରହିବ ନାହିଁ, ବ୍ରହ୍ମାଦି ଦେବଗଣ କହିଲେ ତଥାସ୍ତୁ । ଏହାପରେ ହନୁମାନ ଯମଙ୍କୁ ମୁକ୍ତି ଦେଲେ । ଏହି ପୌରାଣିକ ଆଖ୍ୟାନ ମତେ ମରଣାସନ୍ନ ବ୍ୟକ୍ତି ବା ମୃତ ବ୍ୟକ୍ତି ପାଖରେ ରାମ ନାମ ଉଚ୍ଚାରଣ ପ୍ରଥା ରହିଅଛି । ଦେହଛାଡି ଚାଲି ଯାଉଥିବା ଜୀବ ରାମନାମ ସ୍ମରଣରେ ଫେରି ପାରେ ଏବଂ ଯଦି ତା ଆଗରୁ ଦେହ ଛାଡି ଚାଲିଯାଏ ତେବେ ମୃତ ଶବକୁ ଶ୍ମଶାନକୁ ନେଉଥିବା କାଳରେ ରାମ ନାମ ଶୁଣି ଯମଦୂତ ମାନେ ଜୀବାତ୍ମାକୁ ଦଣ୍ଡିତ କରି ପାରନ୍ତି ନାହିଁ । ଫଳତଃ ତାହାର ମୋକ୍ଷ ପ୍ରାପ୍ତି ହୋଇଥାଏ । ତେଣୁ କୁହାଯାଏ 'ରାମ ନାମ ସତ୍ୟ ହୈ' ।

**ବରପାଲିପଡ଼ା, ବଲାଙ୍ଗିର**

# ଲାଭକାରୀ ରସୁଣ

ରସୁଣରେ ପ୍ରଚୁର ପରିମାଣରେ ଆଣ୍ଟି ବ୍ୟାକ୍ଟେରିଆ, ଆଣ୍ଟି ଭାଇରାଲ, ଆଣ୍ଟି ଅକ୍ସିଡାଣ୍ଟ ଓ ଆଣ୍ଟି ଫଙ୍ଗାଲ ତତ୍ତ୍ୱ ରହିଥିବାରୁ



ଏହା ବିଭିନ୍ନ ରୋଗର ଉପଶମ କରିଥାଏ । ପ୍ରତିଦିନ ୬୦୦ ମିଲିଗ୍ରାମ ରସୁଣ ଖାଇଲେ କୋଲେଷ୍ଟୋରଲ ସ୍ତର ଠିକ୍ ରହିଥାଏ । ଚର୍ମରୋଗ ସୁରକ୍ଷା କରିଥାଏ । ଏଥିରେ ବ୍ୟାକ୍ଟେରିଆ ଗୁଣ ଥିବାରୁ ଦାନ୍ତ ବିନ୍ଧା ଦୂର କରେ । ରକ୍ତରେ ଶର୍କରା ସ୍ତରକୁ ବଢ଼ାଇ ଇନସୁଲିନ୍ ସ୍ତରକୁ ଠିକ୍ ରଖେ । ବିଶେଷଜ୍ଞଙ୍କ ପରାମର୍ଶରେ ରସୁଣ ଖାଇବା ଉଚିତ । ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ।

# ସ୍ୱର୍ବେଦ

**ଜଙ୍ଗମ ତୀରଥ ସନ୍ତ ହେଁ, ମଜ୍ଜନ ସବ ଫଲ ଦାୟ ।**
**ଭୂମି ଭ୍ରମଣ ଜଗ ହିତ କରେ, ଉଦୟ ଭାଗ ତେହି ପାୟ ॥୨୪॥**

ଭାଷ୍ୟ - ସନ୍ଥ ଜଙ୍ଗମ ତୀର୍ଥ ଅଟନ୍ତି । ତାଙ୍କର ଜ୍ଞାନ, ସତ୍ସଙ୍ଗ, ବୋଧ ଓ ଉପଦେଶ ରୂପୀ ଗଙ୍ଗାରେ ସ୍ନାନ କଲେ ଆତ୍ମା ପବିତ୍ର ହୋଇଯାଏ ଏବଂ ସମସ୍ତ ଫଳ ପ୍ରାପ୍ତ ହୋଇଥାଏ । ସେମାନେ ସଂସାରର କଲ୍ୟାଣ ନିମନ୍ତେ ପୃଥିବୀ ପରିଭ୍ରମଣ କରିଥାନ୍ତି । ଯେଉଁମାନଙ୍କର ଭାଗ୍ୟୋଦୟ ହୁଏ ସେମାନେ ତାଙ୍କର ଦର୍ଶନ ଲାଭ କରିଥାନ୍ତି ।


**ସନ୍ତ କଲ୍ପତରୁ ଜାନିୟେ, ମନ ୱାଞ୍ଛିତ ଫଲ ପାୟ ।**
**ଅନ୍ଧ ଜୀବ ପାରଖ ନହୀଁ, ହୀରା ହାଥ ନଶାୟ ॥୨୫॥**

ଭାଷ୍ୟ - ସନ୍ଥଜନ କଳ୍ପତରୁ ଅଟନ୍ତି ଯେଉଁମାନଙ୍କର ଶରଣରେ ରହି ବିବେକ ତଥା ଶୁଦ୍ଧ ଶ୍ରଦ୍ଧାରୁ ଇଚ୍ଛା କରାଯାଏ, ସେ ସମସ୍ତ ଫଳ ପ୍ରାପ୍ତ ହୋଇଥାଏ । ଅଜ୍ଞାନୀ ଜୀବ ସନ୍ଥମାନଙ୍କୁ ଚିହ୍ନି ପାରନ୍ତି ନାହିଁ । ସେମାନେ ପାଖରେ ରହି ସୁଦ୍ଧା ନିଜର ଅଜ୍ଞାନତା କାରଣରୁ ସନ୍ଥରୂପୀ ହୀରାକୁ ହରାଇ ଥାନ୍ତି ।

**ପ୍ରଭୁ ବ୍ୟାପକ ସର୍ୱତ୍ର ହେଁ, ସବ ଘଟ ଏକ ସମାନ ।**
**ସନ୍ତ ଦେହ ମେଁ ଦେଖିୟେ, ଦର୍ଶତ ମୁକୁର ସମାନ ॥୨୬॥**

ଭାଷ୍ୟ - ପରମପ୍ରଭୁ ଘଟ-ପଟ ସବୁ ପଦାର୍ଥରେ ବିରାଜମାନ ଏବଂ ସର୍ବତ୍ର ବ୍ୟାପକ ଅଟନ୍ତି । ସେହି ପରମପ୍ରଭୁ ସନ୍ଥ ଦେହରେ, ଦର୍ପଣରେ ମୁଖ ଦର୍ଶନ ସମ ପ୍ରତ୍ୟକ୍ଷ ହୋଇଥାନ୍ତି ।

**ପରମାରଥ ଭୱ ସେତୁ ହୈ, ସବ ପର ଏକ ପ୍ରଭାୱ ।**
**ପରହିତ ମନ ୱଚ କର୍ମଣା,**




**ସନ୍ତନ ସହଜ ସ୍ୱଭାୱ ॥୨୭॥**

ଭାଷ୍ୟ - ସ୍ୱାର୍ଥ, ପରାର୍ଥ ଓ ପରମାର୍ଥ - ଏ ତିନି ପ୍ରକାରର ଅର୍ଥ, ପ୍ରୟୋଜନ ହୋଇଥାନ୍ତି । ପରମାର୍ଥ ଜୀବନର ସର୍ବୋତ୍କୃଷ୍ଟ ଅର୍ଥ ଅଟେ । ପ୍ରଭୁପ୍ରାପ୍ତି ନିମନ୍ତେ ଅର୍ଥାତ୍ ଏହି ଭବସାଗରରୁ ଉଦ୍ଧାର ପାଇବା ପାଇଁ ସନ୍ଥଜନ ସେତୁ ସଦୃଶ ହୋଇଥାନ୍ତି । ସମସ୍ତ ପ୍ରାଣୀମାନଙ୍କ ଉପରେ ସମଭାବାପନ୍ନ ସେମାନଙ୍କର ନିଶ୍ଚଳ ଭାବ, ପ୍ରେମର ପ୍ରକାଶ ଅଟେ । ସେହି ସନ୍ଥମାନେ ନିଜର ସହଜ ସ୍ୱଭାବରୁ ମନ, ବଚନ ଏବଂ କର୍ମ ଦ୍ୱାରା ସଂସାରର କଲ୍ୟାଣ କରିଥାନ୍ତି ।

**ଭୱସାଗର ସେ ତରନ କା, କେୱଲ ସନ୍ତ ଅଧାର ।**
**ମନ ମାନୀ ସାଧନ କରୋ, ଜୀୱନ ସକଲ ଅସାର ॥୨୮॥**

ଭାଷ୍ୟ - ଭବସାଗରରୁ ତରିବା ପାଇଁ ସନ୍ଥ ହିଁ ଏକମାତ୍ର ଆଧାର । ସାଧନା ଯଦି ମନମୁଖୀ ହୁଏ ତେବେ ସମୟ ଅପଚୟ ଛଡ଼ା ଅନ୍ୟ କିଛି ନୁହେଁ, ଲକ୍ଷ୍ୟ ପ୍ରାପ୍ତି ତ ଦୂରର କଥା । ସଦ୍‌ଗୁରୁଙ୍କ ପ୍ରକାଶରେ ତାଙ୍କର ନିୟମ ଏବଂ ଆଦେଶକୁ ବିଧିପୂର୍ବକ ପାଳନ କରି ସାଧନା କରିବା ଦ୍ୱାରା ଉଦ୍ଦେଶ୍ୟ ସାଧିତ ହୋଇଥାଏ ।

**ସନ୍ତ ଚରଣ ରଜ ପାୟ କର, ଗଙ୍ଗା ନିରମଲ ହୋୟ ।**
**ସନ୍ତ ଆସ ଦେୱନ କରେଁ, ସନ୍ତ ପୂଜ୍ୟ ୱର ସୋୟ ॥୨୯॥**

ଭାଷ୍ୟ - ସନ୍ଥମାନଙ୍କର ଚରଣ ରେଣୁ ପାଇ ଗଙ୍ଗା ପବିତ୍ର ହୋଇଯାଏ । ଏପରିକି ସମସ୍ତ ଦେବଗଣ ମଧ୍ୟ ସନ୍ଥ ଉପରେ ଆଶା ଭରସା କରିଥାନ୍ତି । ତେଣୁ ସନ୍ଥ ସର୍ବଶ୍ରେଷ୍ଠ ଆଉ ସର୍ବପୂଜ୍ୟ ଅଟନ୍ତି ।

**ଜଗତ ପୂଜ୍ୟ ପରସିଦ୍ଧ ଜୋ, ଥେ ହେଁ ହୋଁଗେ ଆୟ ।**
**ସୋ ସବ ସନ୍ତନ କୀ କୃପା, ଅନ୍ୟ ନ କୋଇ ଉପାୟ ॥୩୦॥**

ଭାଷ୍ୟ - ସଂସାରରେ ଯିଏ ପୂଜ୍ୟ ଓ ପ୍ରସିଦ୍ଧ ହୋଇଛନ୍ତି ଅଥବା ଭବିଷ୍ୟତରେ ହେବେ, ସେ ସମସ୍ତ ସନ୍ଥମାନଙ୍କର କୃପା-କଟାକ୍ଷରୁ ହିଁ ନିଜ ପଦ, ମର୍ଯ୍ୟାଦା ଓ ସମ୍ମାନକୁ ପ୍ରାପ୍ତ କରିଛନ୍ତି । ଜୀବନର ଉନ୍ନତି ନିମନ୍ତେ ସନ୍ଥମାନଙ୍କର ପୂଜା ଅତିରିକ୍ତ ଅନ୍ୟ କୌଣସି ଉପାୟ ନାହିଁ ।

**ମୁକ୍ତ ହୋୟ ଜଗ ଜୀୱ ଜୋ, ସୋ ସବ ସନ୍ତ ପ୍ରତାପ ।**
**ବୋଧ ନ ବିନୁ ସତ୍ସଙ୍ଗ କେ, ଜାନୋ ବ୍ୟର୍ଥ ପ୍ରଲାପ ॥୩୧॥**

ଭାଷ୍ୟ - ସନ୍ଥମାନଙ୍କର ଜ୍ଞାନ ଓ ଉପଦେଶର ପ୍ରଭାବ ଏବଂ ତେଜରୁ ହିଁ ଆଧ୍ୟାତ୍ମିକ ଜୀବନ ନିର୍ଣ୍ଣୟ କରି ସଂସାରର ପ୍ରାଣୀ ଜୀବନ୍ମୁକ୍ତ ହୋଇଥାନ୍ତି । ସେମାନଙ୍କୁ ସତ୍‌ସଙ୍ଗ ବିନା ବୋଧ ହୋଇ ନ ଥାଏ । ସତ୍ସଙ୍ଗ ଓ ଉପଦେଶଶୂନ୍ୟ ତତ୍ତ୍ୱ ଅନୁଭବହୀନ ହୋଇଥିବାରୁ ବ୍ୟର୍ଥ ଅଟେ ।

**ସାଗର ପ୍ରକୃତି ଅପାର ହେଁ, ଗୁପ୍ତ ତାହି ରହ ନାମ ।**
**ପ୍ରକଟ ଭୟେ ୱହ ସନ୍ତ ସେ, ସନ୍ତ ଦେହିଂ ପରଧାମ ॥୩୨॥**

ଭାଷ୍ୟ - ପ୍ରକୃତି ମହାସାଗର ଅପାର ଅଟେ । ଏହି ସାଗରରେ ଲୁକ୍କାୟିତ ହୋଇ ରହିଛି ସତ୍ୟନାମ । ସନ୍ଥ ଦୟାରୁ ସାଧନା ଉପାୟ ଦ୍ୱାରା ସେହି ନାମ ପ୍ରକଟ ହୋଇଥାଏ ଏବଂ ସେହି ପରମଧାମକୁ ସନ୍ଥ ହିଁ ପ୍ରାପ୍ତ କରାଇଥାନ୍ତି ।

**ସନ୍ତ ନ ହୋତେ ଜଗତ ମେଁ, କୋ ଜାନତ ଭଗୱାନ ।**
**କୀଟ ଶ୍ୱାନ ସମ ବୀତତା, ଜୀୱନ ମନୁଜ ମହାନ ॥୩୩॥**

ଭାଷ୍ୟ - ଯଦି ଜଗତରେ ସନ୍ଥ ନ ଥାଆନ୍ତେ ତେବେ ଈଶ୍ୱରଙ୍କୁ କିଏ ବା ଜାଣନ୍ତା ? ଏହି ମହାନ୍ ମନୁଷ୍ୟ ଜୀବନ କୀଟ ପତଙ୍ଗ ତଥା ଶ୍ୱାନ ସଦୃଶ ସଂସାରରେ ଅତିବାହିତ ହେଉଥାନ୍ତା ।

**ସନ୍ତନ ମହିମା କୋ କହେ, ସନ୍ତ ରୂପ ଭଗୱନ୍ତ ।**
**ଦେୱ ସଦାଫଲ ୱନ୍ଦିୟେ, ଚରଣ କମଲ ରଜ ସନ୍ତ ॥୩୪॥**

ଭାଷ୍ୟ - ସନ୍ଥ ଭଗବାନଙ୍କ ସ୍ୱରୂପ ଅଟନ୍ତି । ତାଙ୍କର ମହିମା ବର୍ଣ୍ଣନା କିଏ କରିପାରିବ ? ନିଜର ଜୀବନ ଉଦ୍ଧାର ନିମନ୍ତେ ତାଙ୍କର ଚରଣ କମଳ ରଜର ବନ୍ଦନା କରନ୍ତୁ । ଈଶ୍ୱରଙ୍କର ଉପାସନା କରିବା ଦ୍ୱାରା ତାଙ୍କର କର୍ମ, ଗୁଣ ଏବଂ ସ୍ୱଭାବ ଉପାସକ ପାଖକୁ ଆସିଥାଏ । ଅଗ୍ନିରେ ଦହନ ହୋଇଥିବା ଲୁହା ଅଗ୍ନିସ୍ୱରୂପ ହୋଇଯାଏ । ଠିକ୍ ସେହିପରି ଈଶ୍ୱରଙ୍କର ଭକ୍ତି କରିବା ଦ୍ୱାରା ସନ୍ଥ ଭଗବନ୍ତ ସ୍ୱରୂପ ହୋଇ ସଂସାରରେ ବିଚରଣ କରିଥାନ୍ତି । ତାଙ୍କର ଚରଣ ରଜରୁ ସଂସାର ପବିତ୍ର ହୋଇଯାଏ । ଅତଏବ ଭକ୍ତିକାମୀ ନିଜର ସମସ୍ତ ଅଭିମାନକୁ ତ୍ୟାଗକରି ତାଙ୍କର ଚରଣ ରଜ ପାଇ ସମ୍ପୂର୍ଣ୍ଣ ତୃପ୍ତି ଏବଂ କୃତକୃତ୍ୟ ହୋଇଯାଆନ୍ତି ।

**॥ ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ, ଅଷ୍ଟମ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁ ଫୁଲ

କଖାରୁ ଫୁଲରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଆମ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏଥିରେ ଅନେକ ପ୍ରକାର ଭିଟାମିନ୍ ଭରି ରହିଛି । ଏହାର ଉପକାରୀ ଗୁଣ ତାଲିକାରେ ନିକଟରେ ଆଉ ଏକ ବିଷୟ ସାମିଲ କରାଯାଇଛି । ଏହି ଫୁଲରେ ଏଭଳି ତତ୍ତ୍ୱ ରହିଛି, ଯାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇଥାଏ । କଖାରୁ ଫୁଲରେ ମଧ ଭିଟାମିନ୍-ଏ ଭରି ରହିଛି । ଏହି ଭିଟାମିନ୍ ଦୃଷ୍ଟିଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହା ଅନ୍ଧାରକଣା ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ । ବେଳେବେଳେ ବାହାର ଜୀବାଣୁ ଆମ ଶରୀରରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରନ୍ତି । ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା



କଖାରୁ ଫୁଲର ରହିଛି । ଏହି ଫୁଲରେ କ୍ୟାଲସିୟମ୍ ମାତ୍ରା ପ୍ରଚୁର ପରିମାଣରେ ରହିଛି, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ ରଖିବାରେ ସାହାଯ୍ୟ କରେ । ଆଣ୍ଠୁ-ଗଣ୍ଠି ବାତରୁ ଏହା ଆମକୁ କେତେକାଂଶରେ ସୁରକ୍ଷା ଦେଇଥାଏ ।

## ଟିକିଏ ହସନ୍ତୁ

ଘର ବାହାରେ ଠିଆ ହୋଇ ସ୍ୱାମୀ ସ୍ତ୍ରୀକୁ : ଆରେ, ଆଉ କେତେ ସମୟ ଲାଗିବ ?
ମତେ ଲାଗୁଛି ମୋ ସାଙ୍ଗର ବାହାଘର ସରିଯିବ ପଛେ ତମେ ଆଜି ଆଉ ରେଡି ହୋଇ ପାରିବନି ।
ସ୍ତ୍ରୀ : କାହିଁକି, ଏତେ ପାଟି କରୁଛ ?
ଘଣ୍ଟାଏ ହେଲା କହୁଛି ୫ ମିନିଟ୍ ଅପେକ୍ଷା କର ।
ଏତିକି ବୁଝି ପାରୁନ ।

× × × × ×

ପୁଅ ବାପାଙ୍କୁ : ବାପା ମୁଁ ବଡ଼ ହୋଇଗଲିଣି ।
ବାପା : ତା'ମାନେ କ'ଣ କହୁଛୁ ? ତୋ'ର ବାହାଘର କରେଇ ଦେବି ।
ପୁଅ : ନା, ବାପା । ମୋ ପାଇଁ ଗୋଟେ ମୋଟର ସାଇକେଲ କିଣି ଦିଅନ୍ତୁ ।
ବାପା (ରାଗିକି) : ବାଇକ୍ ନା ଆଉ କିଛି ।
ଭଗବାନ୍ ତତେ ଗୋଡ଼ ଦୁଇଟା କ'ଣ ପାଇଁ ଦେଇଛନ୍ତି ?
ପୁଅ : ଗୋଟିଏ ଗୋଡ଼ରେ ବାଇକ୍‌ର କିକ୍ ମାରିବାକୁ ଓ ଅନ୍ୟଟିରେ ଗିୟର ପକାଇବାକୁ ।

× × × ×



ଗାଧୁଆକୁ ମୋହନ : ଆରେ ୱାଃ, ତୁ କ'ଣ ଦୁଇଟା ପ୍ରାଇଜ୍ ଧରିଛୁ । ଆଜି ତୋ'ର କ'ଣ କେଉଁ ପ୍ରତିଯୋଗିତା ଥିଲାକି ?
ରାଧୁଆ : ହଁ, ଗୀତ ପ୍ରତିଯୋଗିତା ।
ମୋହନ : ତୁ କ'ଣ ଏକା ସାଙ୍ଗରେ ଫାଷ୍ଟ ଆଉ ସେକେଣ୍ଡ ହେଲୁ ନା କ'ଣ ? ଦୁଇଟା ପ୍ରାଇଜ୍ ଧରିଛୁ ଯେ ।
ରାଧୁଆ : ଛୋଟ ପ୍ରାଇଜ୍‌ଟି ଗୀତ ପାଇଁ ସାନ୍ତ୍ୱନାମୂଳକ ଭାବେ ମିଳିଛି । ଆଉ ବଡ଼ଟା ଗୀତ ଗାଇବା ବନ୍ଦ କରିବାକୁ ମିଳିଛି ।

× × × ×

ଦିନେ ରାସ୍ତାରେ ଝିଅଟିଏ ଚାଲିଚାଲି ଯାଉଥିଲା ।
ଏହି ସମୟରେ ଗୋଟେ ଗାଡି ଆସି ଝିଅଟିକୁ ପିଟିଦେଲା, ଏହାପରେ ଝିଅର ଗୋଡ ଭାଙ୍ଗିଗଲା ।
ସେ ଡାକ୍ତରଙ୍କ ନିକଟକୁ ଯାଇ କହିଲା - ସାର୍, ମୋ ଗୋଡ଼ ଦେଖନ୍ତୁ କ'ଣ ହୋଇଛି ? ଡାକ୍ତରବାବୁ ତୁମ ଗୋଡ଼ ଖରାପ୍ ହୋଇଯାଇଛି ।
ଝିଅ : ସାର୍, କ'ଣ ଠିକ୍ ହେବନି ?
ଡାକ୍ତର : ଏବେ ଗୋଡ଼ କଟା ହେବ ।
ଝିଅ : ମନ ଦୁଃଖରେ ସାର୍ ମୁଁ କାଲି ମୋ ପାଇଁ ହିଲ୍ କିଣିଥିଲି କ'ଣ କରିବି ।

× × × ×

ରାଜୁ : ମୁଁ ଏଠି ରହିବିନି, ଏତେ ଛୋଟ ରୁମ୍, ନା ଝରକା ଅଛି ନା ଟୟଲେଟ, ମୋ ଟଙ୍କା ଫେରାଅ ।
ୱେଟର : କିନ୍ତୁ ସାର ଏଇଟା ତ ।
ରାଜୁ : ନା ନା ମୋ ଟଙ୍କା ମୋତେ ଫେରସ୍ତ ଦରକାର ।
ୱେଟର : ଆରେ ବାବୁ, ଉପରକୁ ତ ଚାଲନ୍ତୁ ଏଇଟା ତ ଲିଫ୍ଟ ।

# ସ୍ୱାସ୍ଥ୍ୟୋପଯୋଗୀ କିୱି

ମିଠା-ମିଠା ସ୍ୱାଦଭରା କିୱିର ସ୍ୱାସ୍ଥ୍ୟପଯୋଗୀ ଗୁଣ ଖୁବ୍ ରହିଛି । ଏଥିରେ ପୋଟାସିୟମ୍, ଫାଇବର, ଭିଟାମିନ୍ ସି, ଭିଟାମିନ୍ ଇ ପରି ବହୁ ଗୁଣକାରୀ ତତ୍ତ୍ୱ ଭରି ରହିଥିବାରୁ ଏହାକୁ ଖାଇଲେ ନାନାଦି ରୋଗରୁ ମୁକ୍ତି ମିଳିବା ସହ ଶରୀରର ଓଜନ ମଧ ନିୟନ୍ତ୍ରଣରେ



ରହିଥାଏ । ଆଖି ସମ୍ବନ୍ଧୀୟ ରୋଗରୁ ବି ଏହା କେତେକାଂଶରେ ସୁରକ୍ଷା ପ୍ରଦାନ କରିଥାଏ । ନିୟମିତ ଏହାକୁ ଖାଇଲେ ଦୃଷ୍ଟିଶକ୍ତି ପ୍ରଖର ହେବା ସହ ଜାଲିଜାଲିଆ ସମସ୍ୟା ଥିଲେ ତାହା ବି ଧୀରେ ଧୀରେ ଠିକ୍ ହୋଇଯାଏ । କିୱି ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଇଥାଏ । ହୃଦ୍ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାକୁ ମଧ ଏହା ରୋକିଥାଏ । ଶରୀରରେ ଥିବା ଧମନୀକୁ ଏହା ମଜଭୁତ୍ କରିବା ସହ ବ୍ଲଡ କୋଲେଷ୍ଟେରଲକୁ ନିୟନ୍ତ୍ରଣରେ ରଖିବାରେ ବି ସହାୟକ ହୋଇଥାଏ । କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ନିୟମିତ କି ? ଖାଇଲେ ସୁଫଳ ମିଳେ । କେବଳ ସେତିକି ନୁହେଁ ରକ୍ତଚାପକୁ ନିୟନ୍ତ୍ରଣରେ ରଖି, ତ୍ୱଚାରେ ଚମକ୍ ଆଣିବା ତଥା କେଶକୁ ସୁସ୍ଥ ରଖିବାରେ ବି କିର ଭୂମିକା ଖୁବ୍ ରହିଛି ବୋଲି ବିଶ୍ୱାସ କରାଯାଏ । ତା'ଛଡ଼ା କିୱି ଖାଇବାର ପ୍ରକୃଷ୍ଟ ସମୟ ହେଉଛି ସକାଳ ବେଳା । ଯେହେତୁ ଏଥିରେ ଖଟା ଅଂଶ ରହିଥାଏ । ତେଣୁ ଏହାକୁ ସକାଳ ଜଳଖିଆ ଖାଇସାରିବା ପରେ ଖାଇଲେ ଫାଇଦା ମିଳିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି ।

# ମଧୁମେହର ତିନି ମହୌଷଧି

ସାରାବିଶ୍ୱରେ ମଧୁମେହ ଏକ ସାଧାରଣ ସମସ୍ୟା ପାଲଟିଗଲାଣି । ଏଥିରେ ଶରୀରରେ ଏକାଧିକ ମେଟାବଲିକ୍ ଡିଜଅର୍ଡର ଦେଖାଯାଇଥାଏ ଯାହା ଫଳରେ ଶର୍କରା ସ୍ତର ଠିକ୍ ରହେନାହିଁ । ଏହା ପାରିବାରିକ ତଥା ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଖାଦ୍ୟାଚାର ଯୋଗୁଁ ହୋଇଥାଏ । ଏହି ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ କଷ୍ଟସାଧ୍ୟ । ତେବେ ଖାଦ୍ୟରେ କିଛି ପରିବର୍ତ୍ତନ କରି ଏହାକୁ ଯଥେଷ୍ଟ ନିୟନ୍ତ୍ରଣ କରାଯାଇପାରେ । ଆୟୁର୍ବେଦ ଶାସ୍ତ୍ରରେ ମଧୁମେହ ନିୟନ୍ତ୍ରଣ ଲାଗି ତିନୋଟି ଚମତ୍କାରୀ ସୂତ୍ର ରହିଛି ।

ତେଜପତ୍ର : ମଧୁମେହ ରୋଗୀଙ୍କ ଲାଗି ତେଜପତ୍ର ଏକ ମହୌଷଧି ବୋଲି କୁହାଯାଇ ପାରେ । ନିୟମିତ ଖାଦ୍ୟ ପ୍ରସ୍ତୁତିରେ କିମ୍ବା ସିଝାଇ ଏହାର ପାଣିକୁ ବ୍ୟବହାର କଲେ ମଧୁମେହ ନିୟନ୍ତ୍ରଣରେ ରଖାଯାଇ ପାରିବ ।

ହଳଦି : ଯେ କୌଣସି ବୟସରେ



ହଳଦି ଖାଇପାରିବେ । ଏହା ରକ୍ତ ପରିଷ୍କାର କରିବା ସହ ମଧୁମେହ ରୋଗରେ କୌଣସି କ୍ଷତ ହେଲେ ଏହାର ତୁରନ୍ତ ଉପଚାର କରିବାରେ ସହାୟକ ହୋଇଥାଏ ।

ଘିକୁଆଁରୀ : ଏହା ମଧୁମେହ ରୋଗୀଙ୍କ ପାଇଁ ଖୁବ୍ ଉପକାରୀ । କାରଣ, ରକ୍ତଶର୍କରା ପରିମାଣ ସଠିକ୍ ରଖିବାରେ ଏହା ସହାୟକ ହୋଇଥାଏ । ଏଥିରେ ଥିବା ଇମୋଡିନ୍ ତତ୍ତ୍ୱ ଶରୀରରେ ବଢ଼ିଥିବା ଗ୍ଲୁକୋଜ ସ୍ତର କମ୍ କରିବାରେ ସହାୟକ ହୋଇଥାଏ । ଏଥି ହିତ ଗ୍ଲୁକୋମାନନ୍ ଏବଂ ମୁସିଲେଜ୍ ତନ୍ତୁ ଓ ଓଜନ କମାଇବା ସହ ଭୋକ ଶାନ୍ତ କରେ । ଇନସୁଲିନ୍ ସ୍ତର ନିୟନ୍ତ୍ରଣ କରିବା ସହ ମଧୁମେହରୁ ସୁରକ୍ଷା ଦିଏ ।

# ପାନମଧୁରୀର ଉପକାରିତା

ପାନମଧୁରୀ କେବଳ ମୁଖ ବାସ୍ନା ବଢ଼ାଇ ନ ଥାଏ ବରଂ ଏହା ବହୁ ସ୍ୱାସ୍ଥ୍ୟ ସମସ୍ୟା ସହଜରେ ଦୂର କରିଥାଏ । ପ୍ରତିଦିନ ଖାଇବା ପରେ ପାନ ମଧୁରୀ ଖାଇବା ଦ୍ୱାରା ଆମକୁ ବହୁ ଲାଭ ମିଳିଥାଏ । ଏଥିରେ ବହୁ ଔଷଧୀୟ ଗୁଣ ଭରି ରହିଛି । ଆଜମା, କୋଲେଷ୍ଟ୍ରଲ ପରି ରୋଗରେ ଏହା ଖାଇବା ନିହାତି ଜରୁରୀ ।

ପ୍ରାଚୀନ ସମୟରୁ ପାନମଧୁରୀର ପ୍ରୟୋଗ ଜଡ଼ିବୁଟି ଭାବରେ ହୋଇ ଆସୁଛି । ଏହାକୁ ସାଧାରଣତଃ ପାଚନ ଶକ୍ତି ବୃଦ୍ଧି ପାଇଁ ଖିଆଯାଇଥାଏ । ଏହା ଗ୍ୟାଷ୍ଟ୍ରିକ ସମସ୍ୟା ପାଇଁ ରାମବାଣ ସଦୃଶ ହୋଇଥାଏ । ପାନ ମଧୁରୀରେ ପ୍ରସ୍ତୁତ ଚା' କିମ୍ବା କାଢ଼ା ପିଇବା ଦ୍ୱାରା ପେଟ ଗୋଲମାଳ, ଅଲସର ପରି ରୋଗ ଠିକ୍ ହୋଇଯାଇଥାଏ । କେବଳ ଏତିକି ନୁହେଁ ଏହା ନିୟମିତ ସେବନ କରିବା ଦ୍ୱାରା ଶରୀରରୁ ବିଷାକ୍ତ ତତ୍ତ୍ୱ ସହଜରେ ବାହାରକୁ ଆସିଯାଏ ଓ ଶରୀର ଶୁଦ୍ଧ ରହିଥାଏ । ଖାଦ୍ୟ ଖାଇବା ପରେ ଯଦି ପ୍ରତିଦିନ ଆପଣ ୩୦ ଗ୍ରାମ ପାନମଧୁରୀ ଖାଇବେ ତେବେ କୋଲେଷ୍ଟ୍ରଲ ସମସ୍ୟା ଦୂର ହୋଇଯିବ ।

ଯଦି ଆପଣଙ୍କ ଦୃଷ୍ଟିଶକ୍ତି କମିଯାଉଛି ତେବେ ଆପଣ ଦୈନିକ ଅତି କମରେ ୩୦ ଗ୍ରାମ ପାନମଧୁରୀ ଖାଇବା ଉଚିତ । ଏହା ଖାଇବା ଦ୍ୱାରା ଆଖି ସମସ୍ୟା ଦୂର ହେବା ସହ ଲିଭର ସମସ୍ୟା ମଧ ଦୂର ହୋଇଥାଏ । କଫ



ଦୂର କରିବା ପାଇଁ ମଧ ପାନମଧୁରୀ ଖାଇବା ଦ୍ୱାରା ଯେକୌଣସି ପ୍ରକାରର ପେଟ ଯନ୍ତ୍ରଣା ଭଲ ହୋଇଥାଏ । ଏହା ପିରିୟଡ ସମୟରେ ହେଉଥିବା ପେଟ ଯନ୍ତ୍ରଣା ଦୂର କରିବାରେ ମଧ ସହାୟକ ହୋଇଥାଏ ।

ଶିଶୁ ପେଟରେ ଗ୍ୟାସ କିମ୍ବା ଅନ୍ୟ କୌଣସି କାରଣରୁ ଯନ୍ତ୍ରଣା ହେଉଥିଲେ ପାନମଧୁରୀରୁ ପ୍ରସ୍ତୁତ କାଢ଼ା ଏକରୁ ଦୁଇ ଚାମଚ ଦିଅନ୍ତୁ । ୬ ମାସ ପରେ ହିଁ ଏହା ଶିଶୁକୁ ଦେବା ଉଚିତ । ତେବେ ଏହା ଏକ କିମ୍ବା ଦୁଇ ଚାମଚରୁ ଅଧିକ ଦେବା ଅନୁଚିତ ।

କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ଖାଦ୍ୟ ଖାଇ ସାରିବା ପରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହା ନିଶ୍ଚୟ ଖାଆନ୍ତୁ । ଚେଷ୍ଟା କରନ୍ତୁ ଏହାକୁ ଖାଲି ଖାଇବା ପାଇଁ ଅର୍ଥାତ୍ ଏହା ସହ ଚିନି କିମ୍ବା ମିଶ୍ରି ସହ ମିଶାଇ ଖାଆନ୍ତୁ ନାହିଁ । ଏହି ଜିନିଷରେ ମିଶାଇ ଖାଇଲେ ପ୍ରକୃତ ଲାଭ ମିଳି ନ ଥାଏ ।

# ଗୋଲମରିଚର ଉପାଦେୟତା

ଗୋଲମରିଚର ବାସ୍ନା ଓ ରାଗୁଆ ସ୍ୱାଦ ସକାଶେ ଭାରତରେ ଏହାର ଚାହିଦା ବେଶ୍ ରହିଛି । ଏହାକୁ ମୁଖ୍ୟତଃ ଭାରତୀୟମାନେ ମସଲା ରୂପେ ବ୍ୟବହାର କରିଥାନ୍ତି । ତେବେ ଗୋଲମରିଚକୁ ପ୍ରାଚୀନ କାଳରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟବହାର କରାଯାଉଥିଲା । ବିଶେଷକରି ଥଣ୍ଡା ଓ ସର୍ଦ୍ଦିରୁ ମୁକ୍ତି ପାଇବା ଲାଗି ଗୋଲମରିଚ ଗୁଣ୍ଡରେ ତେଜପତ୍ର ଓ ଅଦା ମିଶା ଚା'ର ସେବନ



କରାଯାଏ । ଗୋଲମରିଚରେ ଥିଆମିନ, ଫୋଲିକ୍ ଏସିଡ, ଆଇରନ, ମାଙ୍ଗାନିଜ, ଜିଙ୍କ୍, ଫସଫରସ, କ୍ୟାଲସିୟମ, କୋଲିନ୍, ରିବୋଫ୍ଲାବିନ୍ ଆଦି ପୋଷଣ ତତ୍ତ୍ୱ ରହିଛି । ଏହି ସବୁ ମୁଖ୍ୟତଃ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏହା ପାଚନ ତନ୍ତ୍ର ଠିକ୍ କରିବା ସହିତ ଆଣ୍ଟି ଏଜିଂ ଦୂର କରେ । ନିକଟରେ ହୋଇଥିବା ଏକ ଅଧ୍ୟୟନରେ ପ୍ରକାଶ ପାଇଥିଲା, ଏଥିରେ ଥିବା ପିପେଟିନ୍ କର୍କଟ ରୋଗକୁ ପ୍ରତିରୋଧ କରେ । ଗୋଲମରିଚରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ଏହା ମୁଖ ଦୁର୍ଗନ୍ଧ ଦୂର କରେ । ଦାନ୍ତ ଫୁଲା କିମ୍ବା ମାଢ଼ି ଯନ୍ତ୍ରଣା ହେଉଥିଲେ ଗୋଲମରିଚକୁ ପାଣିରେ ଫୁଟାଇ କୁଳି କଲେ ଉପଶମ ମିଳେ । ଉଷୁମ ପାଣିରେ ଗୋଲମରିଚ ଗୁଣ୍ଡ ପକାଇ ସକାଳ ସନ୍ଧ୍ୟା ପିଇଲେ, ଶରୀରର ଅତ୍ୟଧିକ ଚର୍ବି କମିଥାଏ । ଏଥିରେ କାର୍ମିନେଟିଭ୍ ଗୁଣ ରହିଛି, ଯାହା ଗ୍ୟାସ୍ ସମସ୍ୟା ଦୂର କରେ । ଭୋକ କମ୍ ଲାଗୁଥିବା ବ୍ୟକ୍ତିଙ୍କ ପାଇଁ ଗୋଲମରିଚ ଲାଭଦାୟକ । ୩ ରୁ ୪ଟି ଗୋଲମରିଚ ସହିତ ଗୁଡ ମିଶାଇ ସେବନ କଲେ ଭୋକ କମ୍ ଲାଗିବା ସମସ୍ୟା ଦୂର ହୁଏ । ତ୍ୱଚା ପାଇଁ ଗୋଲମରିଚ ଖୁବ୍ ଉପକାରୀ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ଫ୍ରିରେଡିକାଲସ୍ ସହିତ ଲଢ଼ି ତ୍ୱଚାକୁ ଉଜ୍ଜ୍ୱଳ ରଖିଥାଏ । ଏହା ସହିତ ଚର୍ମକୁ କୁଞ୍ଚନ ହେବାକୁ ଦିଏ ନାହିଁ ।

# ଦେହକୁ ହିତ କଲରା

କଲରା ରସରେ ଯକୃତକୁ ଦୃଢ଼ ଓ ସୁସ୍ଥ ରଖିବାର କ୍ଷମତା ଅଛି । କଲରା ରସ ନିୟମିତ ପିଇଲେ ଯକୃତଜନିତ ଏକାଧିକ ସମସ୍ୟା ଦୂର ହୁଏ । କଲରା ଓ ଏହାର ପତ୍ରକୁ ପାଣିରେ ସିଝାଇ ଉକ୍ତ ପାଣି ପିଇଲେ ଦେହର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ।



'ପାରାଲିସିସ୍'ରେ ପୀଡ଼ିତ ରୋଗୀ ପ୍ରତିଦିନ ଦୁଇ ଚାମଚ କଲରା ରସ ପିଇବା ଉଚିତ । କଲରାରେ ରକ୍ତ ସଫା କରିବାର ଶକ୍ତି ରହିଛି । ତା' ସହିତ ଏହା ଶର୍କରାକୁ ସ୍ୱାଭାବିକ ସ୍ତରରେ ରଖିବାରେ ସହାୟକ ହୁଏ ।

# ସ୍ୱାସ୍ଥ୍ୟ ପାଇଁ କଦଳୀ

କଦଳୀ ଏକ ସ୍ୱାଦିଷ୍ଟ ଫଳ । କଞ୍ଚା ବେଳେ ଏହାକୁ ତରକାରୀ କରି ଖାଇଥାନ୍ତି ଓ ପାଚିଲା କଦଳୀ ଖାଇବାକୁ ଖୁବ୍ ସ୍ୱାଦିଷ୍ଟ । ପୂଜାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କାମରେ କଦଳୀ ବ୍ୟବହାର କରାଯାଇଥାଏ ।



କଦଳୀର ଭଣ୍ଡାକୁ ତରକାରୀ କରି ଖିଆଯାଏ । କଦଳୀ ଗଛର ପାଟୁଙ୍ଗାର ଡଙ୍ଗା କରି କାର୍ତ୍ତିକ ମାସରେ ଭସାଇଲେ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଏହାର ପାଟୁଙ୍ଗାକୁ ଶୁଖାଇ ଏଥିରେ ଶିକା କରାଯାଏ, ଯେଉଁଥିରେ ବସୁନ୍ଧରା ଗଡି ବନ୍ଧା ଯାଏ । ଏହାକୁ ବଣି କରି ଦୋକାନୀ ମାନେ ଛତୁଁ ଓ ଶାଗ ଆଦି ବାନ୍ଧି ବିକ୍ରି କରିଥାନ୍ତି ।

କଦଳୀ ମଞ୍ଜା ତରକାରୀ ଖାଇବାକୁ ଖୁବ୍ ସ୍ୱାଦିଷ୍ଟ ଓ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଛେନା, କଦଳୀ ଓ ଗୁଡ ଚକଟି ମହାଲକ୍ଷ୍ମୀଙ୍କୁ ଭୋଗ ତଥା ପଣା ପ୍ରସ୍ତୁତ କରାଯାଇଥାଏ ।

ଚୂଡ଼ାରେ ପାଚିଲା କଦଳୀ ପକାଇ ଖାଇବା ଫଳରେ ପେଟର ରୋଗ ଦୂର ହୋଇଥାଏ ।

କଦଳୀ ପକାଇ ମାଲପୁଆ ତିଆରି କରାଯାଏ । କଞ୍ଚା କଦଳୀକୁ ବ୍ୟବହାର କରି ଭଜା କିମ୍ବା ଅନ୍ୟାନ୍ୟ ତରକାରୀ ପ୍ରସ୍ତୁତ କରାଯାଇଥାଏ ।

କଦଳୀରେ ପୋଟାସିୟମ ରହିଛି, ଯାହା ରକ୍ତ କୋଷିକାକୁ ସୁସ୍ଥ ରଖିବା ସହିତ ଉଚ୍ଚ ରକ୍ତଚାପକୁ ଦୂର କରିଥାଏ ।

ମଧୁମେହ ରୋଗୀଙ୍କ ପାଇଁ କଦଳୀ ଖୁବ୍ ଉପକାରୀ । ଏଥିରେ ଫାଇଭର, ଭିଟାମିନ, ଖଣିଜ, ଫାଇଟୋକେମିକ୍ସ ଓ ଆଣ୍ଟି ଅକ୍ସିଡାଣ୍ଟ ରହିଛି ଯାହା ଟାଇପ ୨ ଡାଇବେଟିସ୍ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ତେଣୁ ମଧୁମେହ ରୋଗୀଙ୍କ ପାଇଁ କଦଳୀ ଅତ୍ୟନ୍ତ ଭଲ ।

କଦଳୀ ତ୍ୱଚା ପାଇଁ ପ୍ରାକୃତିକ ମଶ୍ଚରାଇଜର ପରି କାମ କରିଥାଏ । ଏଥିରେ ଥିବା ଭିଟାମିନ୍ ଶୁଷ୍କ ତ୍ୱଚା ପାଇଁ ତୁରନ୍ତ ମଶ୍ଚରାଇଜର ପରି କାମ କରିଥାଏ । କଦଳୀ ମାକ୍ସ ଲଗାଇବା ଦ୍ୱାରା ତ୍ୱଚାରେ ଏକ ଭିନ୍ନ ଚମକ ଆସିଥାଏ ।

# ଉଷୁମ ପାଣି ନିୟନ୍ତ୍ରଣରେ ରଖେ କୋଲେଷ୍ଟ୍ରଲ

ଆମ ଶରୀରରେ କୋଲେଷ୍ଟରଲ ପରିମାଣ ନିୟନ୍ତ୍ରଣରେ ରହିବା ଦରକାର । ତେବେ ଏହାକୁ ସନ୍ତୁଳିତ ରଖିବାର ଏକ ସହଜ ଉପାୟ ରହିଛି । ଯଦି ଜଣେ ବ୍ୟକ୍ତି ନିୟମିତ ସକାଳୁ ଖାଲି ପେଟରେ ଉଷୁମ ପାଣି ପିଅନ୍ତି ତେବେ ତାହା ଏଥିପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବାକୁ ଏକ ଅଭ୍ୟାସରେ ପରିଣତ କଲେ ସେଥିରୁ ଅନେକ ଉପକାର ମିଳିଥାଏ । କୋଲେଷ୍ଟରଲ ବ୍ୟତୀତ ଓଜନ ହ୍ରାସ କରିବାରେ ଏହାର ମଧ ଭୂମିକା ରହିଛି । ଅନ୍ୟପକ୍ଷରେ ଜଣେ ଆଜ୍ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ । କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ଦୂର କରିଥାଏ । କୋଷ୍ଠକାଠିନ୍ୟ ସମସ୍ୟାରୁ ଏହା କେତେକାଂଶରେ ଉପଶମ ଦେଇଥାଏ । ଏହା ମଧ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ । କେବଳ ସେତିକି ନୁହେଁ, ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଉଷୁମ ପାଣି ସହାୟକ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ନରୱେରେ ଅଗଷ୍ଟ ମାସରେ ଜନ୍ମ ନେଉଥିବା ଅଧିକାଂଶ ଶିଶୁଙ୍କ ନାମ 'ଅଗଷ୍ଟ' ରହିଥାଏ ।
- ଆମେରିକାରେ ଅଗଷ୍ଟ ମାସକୁ ଜାତୀୟ ପାରିବାରିକ ମଜା ଦିବସ ଭାବରେ ପାଳନ କରାଯାଏ ।
- ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତ୍ୟେକ ବର୍ଷ ବିଜୁଳି ସ୍ପର୍ଶରେ ପ୍ରାୟ ୬୨୫ ଜଣ ମରିଥାନ୍ତି ।
- ଖ୍ରୀଷ୍ଟ ପୂର୍ବ ସମୟରେ ମିଶରରେ ବିଜୁଳି-ଘଡଘଡି ଆରମ୍ଭ ହେବା ମାତ୍ରେ ଲୋକମାନେ ଦଉଡିବା ଆରମ୍ଭ କରୁଥିଲେ ।
- ମିଶରର ରାଜପ୍ରାସାଦରେ ଏହି ସମୟରେ ପ୍ରତ୍ୟେକ ଝରକା, କବାଟ ପାଖରେ ଆଇନା ରଖାଯାଉଥିଲା । ଅବଶ୍ୟ ଏହାର ସଠିକ୍ କାରଣ କ'ଣ ଜଣାପଡି ନାହିଁ ।
- ବିଶ୍ୱସ୍ତରରେ ସବୁଠାରୁ ଅଧିକ ଭାରତୀୟ ବର୍ଷାର ଆଗମନରେ ଖୁସି ହୁଅନ୍ତି ।
- ଗବେଷକଙ୍କ ମତରେ, ବର୍ଷା ଆକାଶ ମାର୍ଗରୁ ପଡିଲାବେଳେ ବରଫ ଖଣ୍ଡ ଆକାରର ଥାଏ, କିନ୍ତୁ ପୃଥିବୀପୃଷ୍ଠରେ ପହଞ୍ଚିବା ବେଳକୁ ଏହା ପାଣି ହୋଇ ସାରିଥାଏ ।
- ପୂର୍ବେ ବର୍ଷାଦିନେ ସର୍ବାଧିକ ଦୁର୍ଘଟଣା ହେଉଥିଲା ।
- ଜାପାନରେ ବିଜୁଳି ମାରିବାକୁ ଭଗବାନଙ୍କ ଆଶୀର୍ବାଦ ବୋଲି ମନେକରାଯାଏ ।
- ବୁଲଗେରିଆରେ ଅଗଷ୍ଟ ମାସକୁ 'ସ୍ଥାନୀୟ ବଣଭୋଜି ଦିବସ' ଭାବରେ ପାଳନ କରାଯାଏ ।
- ବିଶ୍ୱର ଅନେକ ସ୍ଥାନରେ ଅଗଷ୍ଟ ମାସର ପ୍ରଥମ ରବିବାରକୁ 'ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ' ଭାବରେ ପାଳନ କରାଯାଏ ।

## କହିପାରିବେ କି ?

(୧) ସୁନା ଓ ରୂପା ମଧରେ କେଉଁ ଧାତୁଟି ଅଧିକ ଓଜନିଆ ?
(୨) ପୃଥିବୀର କେଉଁ ଅଞ୍ଚଳ ସବୁଠାରୁ ଥଣ୍ଡା ?
(୩) ପୃଥିବୀର କେଉଁ ଅଞ୍ଚଳ ସବୁଠାରୁ ଗରମ ସ୍ଥାନ ?
(୪) ମରୁଭୂମିର ଜାହାଜ କାହାକୁ କୁହାଯାଏ ?
(୫) ପୃଥିବୀର ନିକଟତମ ଗ୍ରହ କିଏ ?
(୬) ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ରାଷ୍ଟ୍ର କିଏ ?
(୭) ସ୍ଥଳଭାଗରେ ସବୁଠାରୁ ଦ୍ରୁତ ଗତିରେ ଦୌଡୁଥିବା ପ୍ରାଣୀ କିଏ ?
(୮) ଶରୀରର କେଉଁ ଅଂଶ ସବୁଠାରୁ ଅଧିକ ସମ୍ବେଦନଶୀଳ ?
(୯) ଜଳ ବା ପାଣିର ସ୍ୱାଦ କିପରି ?
(୧୦) ପୃଥିବୀର ଦୀର୍ଘତମ ନଦୀର ନାଁ କ'ଣ ?

## JUMBLE WORDS

| | | | |
|---|---|---|---|
| 1) RULBB | = | 6) FROEF | = |
| 2) LOWDR | = | 7) MIRSEN | = |
| 3) LEYREF | = | 8) NARBEN | = |
| 4) ZILSEZ | = | 9) SIJTO | = |
| 5) REOAP | = | 10) TTUNA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ପ୍ରାୟ ୮ ମିଟର, ୨. ୨୦୬, ୩.ଶ୍ୱେତ ରକ୍ତ କଣିକା, ୪.କାନ, ୫.ମାଂସପେଶୀ, ୬.୬୬ ପ୍ରତିଶତ, ୭.ଜଙ୍ଘ, ୮.ତ୍ୱଚା, ୯.ଦୁଇ ପଟରୁ ବକ୍ରାକାର, ୧୦.ବହିର୍ଶ୍ଚର୍ମ ମଲିଚମ ବା ଅଧିଚର୍ମ ।

***Jumble Words*** **ର ଉତ୍ତର :-**

(1) THEFT (2) COUGH (3) BEFORE (4) HELIUM (5) SHIRT
(6) NOISY (7) PURSUE (8) EQUATE (9) PERCH (10) EMCEE

## ଶାସକ ଦଳ ବିଧାୟକ ଦେଖିନି ସୁନ୍ଦରଗଡ଼ ସଂରକ୍ଷିତ ନିର୍ବାଚନ ମଣ୍ଡଳୀ

ସୁନ୍ଦରଗଡ଼: ଆଦିବାସୀ ବର୍ଗ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ କେବେ ଶାସକ ଦଳ ବିଧାୟକ ଦେଖି ନାହିଁ । ଗତ ୨୦୦୯ ରେ ଏହି ବିଧାନସଭା ନିର୍ବାଚନୀ ମଣ୍ଡଳୀ ପୁନର୍ଗଠିତ ହୋଇଥିଲା । ପୁନର୍ଗଠନ ପରେ ଅଣସଂରକ୍ଷିତ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଆଦିବାସୀଙ୍କ ପାଇଁ ସଂରକ୍ଷିତ ହୋଇଛି । ଏହି ସଂରକ୍ଷିତ ନିର୍ବାଚନ ମଣ୍ଡଳୀର ପ୍ରଥମ ବିଧାୟକ ଭାବେ ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ଯୋଗେଶ କୁମାର ସିଂହ ବିଜୟୀ ହୋଇଥିଲେ । ସେହିପରି ୨୦୧୪ ନିର୍ବାଚନରେ ମଧ ସେ କଂଗ୍ରେସ ପ୍ରାର୍ଥୀ ଭାବେ ଦ୍ୱିତୀୟ ଥର ପାଇଁ ବିଧାୟକ ହୋଇଥିଲେ । ତେବେ ଉକ୍ତ ୨ ନିର୍ବାଚନରେ ରାଜ୍ୟରେ ବିଜେଡି ସରକାର ହୋଇଥିଲା । ତତ୍କାଳୀନ ସୁନ୍ଦରଗଡ଼ ବିଧାୟକ ଯୋଗେଶଙ୍କୁ ବିରୋଧୀ ବିଧାୟକ ଭାବେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ସେହିପରି ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥିନୀ କୁସୁମ ଟେଟେ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । ଉକ୍ତ ନିର୍ବାଚନରେ ମଧ ରାଜ୍ୟରେ ବିଜେଡି ସରକାର ହୋଇଥିବାରୁ କୁସୁମ ବିରୋଧୀ ଭୂମିକା ନିଭାଇଥିଲେ । ୨୦୨୪ ନିର୍ବାଚନରେ ୨ ପାଳିର ପୂର୍ବତନ କଂଗ୍ରେସ ବିଧାୟକ ଯୋଗେଶ ସିଂ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି । ମାତ୍ର ରାଜ୍ୟରେ ବିଜେଡି ସରକାର ଗଠନ ସ୍ଥିତିରେ ନ ଥିବାରୁ ଏଥର ମଧ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଶାସକ ଦଳ ବିଧାୟକ ଦେଖିବାର ସୌଭାଗ୍ୟ ଅର୍ଜନ କରିନାହିଁ ।

## ଲୋକସଭାକୁ ନିର୍ବାଚିତ ହୋଇଛନ୍ତି ୭୯ ମହିଳା

ଭୁବନେଶ୍ୱର: ଚଳିତ ଲୋକସଭାର ୫୪୩ସିଟ୍ରୁ ୭୯ ମହିଳା ନିର୍ବାଚିତ ହୋଇ ଆସିଛନ୍ତି । ଏହା ୨୦୧୯ ମସିହା ତୁଳନାରେ ଟିକିଏ ଅଧିକ । ୨୦୧୯ରେ ୭୮ ଜଣ ମହିଳା ସାଂସଦ ଥିଲେ । ଚଳିତ ନିର୍ବାଚନରେ ମୋଟ୍ ୮,୩୩୬ ପ୍ରାର୍ଥୀ ଅଂଶ ଗ୍ରହଣ କରିଥିଲେ । ତନ୍ମଧରେ ମହିଳାଙ୍କ ସଂଖ୍ୟା ମାତ୍ର ୭୯୭ ଥିଲା । ତେବେ ୨୦୧୯ ମସିହା ତୁଳନାରେ ଏହି ସଂଖ୍ୟା ଅଧିକ ଥିଲା । ୨୦୧୯ରେ ୭୨୦ ଜଣ ମହିଳା ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ ।

ଚଳିତ ଲୋକସଭା ନିର୍ବାଚନରେ ବିଜେପି ପକ୍ଷରୁ ୧୬ ପ୍ରତିଶତ ମହିଳା ପ୍ରାର୍ଥୀ ଥିଲେ । କଂଗ୍ରେସ ୧୩ ପ୍ରତିଶତ ମହିଳା ପ୍ରାର୍ଥୀଙ୍କୁ ଟିକଟ ଦେଇଥିଲା । ଆମ୍ ଆଦ୍ମୀ ପାର୍ଟି କୌଣସି ମହିଳାଙ୍କ ଉପରେ ଭରସା କରି ନ ଥିଲା । ବିଜୁ ଜନତା ଦଳ ଓ ତୃଣମୂଳ ଭଳି ଆଞ୍ଚଳିକ ଦଳ ମହିଳା ପ୍ରାର୍ଥୀଙ୍କୁ ମୈଦାନକୁ ଆଣିଥିଲେ ।

ବିଜେପିର ୬୯ ମହିଳା ପ୍ରାର୍ଥୀଙ୍କ ମଧରୁ ପ୍ରାୟ ଅଧା ଜିତିଛନ୍ତି । କଂଗ୍ରେସର ୪୧ ମହିଳା ଦାବିଦାରଙ୍କ ମଧରୁ ୧୩ ଜଣ ଜିତିଛନ୍ତି । ତୃଣମୂଳ କଂଗ୍ରେସ ୧୨ ମହିଳାଙ୍କୁ ଜିତିଛନ୍ତି । ତୃଣମୂଳ କଂଗ୍ରେସ ୧୨ ମହିଳାଙ୍କୁ ଟିକଟ ଦେଇଥିଲା । ତନ୍ମଧରୁ ୧୦ ଜଣ ଜିତିଛନ୍ତି । ସମାଜବାଦୀ ପାର୍ଟିର ୫ ମହିଳା ଜିତିଛନ୍ତି । ମୋଟ ୨୭୬ ମହିଳା ସ୍ୱାଧୀନ ଲଢ଼ିଥିଲେ । କିନ୍ତୁ ସେମାନଙ୍କ ମଧରୁ କେହି ଜିତି ନାହାନ୍ତି । ନୂଆ ଲୋକସଭାରେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶରୁ ସର୍ବାଧିକ ମହିଳା ପ୍ରତିନିଧିତ୍ୱ ଦେଖିବାକୁ ମିଳିବ । ଭାରତୀୟ ନିର୍ବାଚନ ଆୟୋଗର ଫଳାଫଳରୁ ଏହି ତଥ୍ୟ ସାମ୍ନାକୁ ଆସିଛି ।

ଚଳିତ ନିର୍ବାଚନରେ ହେଭିୱେଟ୍ ମହିଳା ପ୍ରାର୍ଥୀ ହାରିଛନ୍ତି । ଏଥିରେ ପ୍ରଥମରେ ରହିଛନ୍ତି ସ୍ମୃତି ଇରାନୀ । ଆମେଥିର ପୂର୍ବ ସାଂସଦ ଏ ଥର କଂଗ୍ରେସ ପ୍ରାର୍ଥୀ କିଶୋରୀ ଲାଲଙ୍କଠୁ ବଡ଼ ଭୋଟ୍ ମାର୍ଜିନରେ ହାରିଛନ୍ତି । ମେନକା ଗାନ୍ଧୀଙ୍କୁ ସୁଲତାନପୁରରୁ ସପାର ରାମଭୁ ଆଲ ନିଷାଦ ହରାଇଛନ୍ତି । ସୁଲତାନପୁରରୁ ସେ ପୂର୍ବରୁ ମଧ ୨ ଥର ହାରିଥିଲେ । ତେଲଙ୍ଗାନାର ହାଇଦ୍ରାବାଦ ସିଟ୍ ଚର୍ଚ୍ଚିତ ପ୍ରାର୍ଥୀ ମାଧବୀ ଲତାଙ୍କୁ ଓସି ହରାଇଛନ୍ତି । ଜମ୍ମୁ-କଶ୍ମୀରର ଅନନ୍ତନାଗ-ରେଗୌରୀ ଆସନରୁ ମେହବୁବା ମୁଫତି ହାରିଛନ୍ତି ।

ସେହିପରି ଏ ଥର କିଛି ଲୋକପ୍ରିୟ ମହିଳା ଚେହେରା ମଧ ନିର୍ବାଚନ ଜିତିଛନ୍ତି । ୟୁପିର ମଥୁରା ଆସନରୁ ବିଜେପିର ହେମା ମାଲିନି ଜିତିଛନ୍ତି । ହିମାଚଳ ପ୍ରଦେଶର ମଣ୍ଡିରୁ କଙ୍ଗନା ରଣାୱତ ଜିତିଛନ୍ତି । ଉତ୍ତରପ୍ରଦେଶର ମୈନପୁରୀରୁ ସପାର ଡିମ୍ପଲ ଯାଦବଙ୍କ ବଡ଼ ବିଜୟ ହୋଇଛି । ମହୁଆ ମୋଇତ୍ର ପଶ୍ଚିମବଙ୍ଗର କୃଷ୍ଣନଗର ଆସନରୁ ଦ୍ୱିତୀୟ ଥର ବିଜୟ ହାସଲ କରିଛନ୍ତି । ହରିଆଣାର ସିରସା ଆସନରୁ କଂଗ୍ରେସର କୁମାରୀ ଶୈଳଜା ଜିତିଛନ୍ତି ।

## କେନ୍ଦ୍ରରେ ତୃତୀୟ ଥର ଏନ୍‌ଡିଏ

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ପୁଣି ଥରେ ଦେଶରେ ସରକାର ଗଠନ କରିବା ଲାଗି ବହୁମତ ହାସଲ କରିଛି । ଏନଡିଏ ଉପରେ ତୃତୀୟ ଥର ପାଇଁ ଦେଶବାସୀ ଭରସା କରିଛନ୍ତି । ତେବେ ଚଳିତ ନିର୍ବାଚନରେ ଏନଡିଏକୁ ପୂର୍ବାପେକ୍ଷା କମ୍ ସଫଳତା ମିଳିଛି । ଏନ୍‌ଡିଏକୁ ୨୯୩ଟି ଆସନ ମିଳିଥିବା ବେଳେ ବିରୋଧୀ 'ଇଣ୍ଡିଆ'କୁ ୨୩୨ଟି ଆସନ ମିଳିଛି । ଅନ୍ୟାନ୍ୟ ଦଳ ୧୮ଟି ଆସନ ପାଇଛନ୍ତି । ଏହି ନିର୍ବାଚନ ଫଳ ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ବୁଥ ବାହୁଡା ମତ (ଏକଜିଟ୍ ପୋଲ୍) କୁ ଭୁଲ୍ ପ୍ରମାଣିତ କରିଛି । ବୁଥ ବାହୁଡା ମତରେ ଏନଡିଏକୁ ୪୦୦ ପାଖାପାଖି ଆସନ ମିଳିବ ବୋଲି ଅନେକ ସଂସ୍ଥା ଆକଳନ କରିଥିଲେ । ତେବେ ନିର୍ବାଚନ ଫଳାଫଳ ଅନୁଯାୟୀ ଏନଡିଏ ୩୦୦ ଅଙ୍କ ଛୁଇଁ ପାରି ନାହିଁ । ୨୦୧୯ ଲୋକସଭା ନିର୍ବାଚନରେ ଏନଡିଏକୁ ୩୫୩ଟି ଆସନ ମିଳିଥିବା ବେଳେ ବିଜେପି ଏକାକୀ ୩୦୩ଟି ଆସନ ପାଇଥିଲା । ଗତ ନିର୍ବାଚନରେ ବିଜେପି ଏକକ ଦଳ ଭାବେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବେଳେ ଚଳିତ ଥର ଏହି ସଂଖ୍ୟାଗରିଷ୍ଠତା ଠାରୁ ଦୂରରେ ରହିଛି ।

## ଓଡ଼ିଶାରେ ବିଜେଡିର ଶୋଚନୀୟ ପରାଜୟ

ଭୁବନେଶ୍ୱର : ଜୁନ୍ ୧୦ତାରିଖରେ ରାଜ୍ୟରେ ବିଜେପିର ଜଣେ ଓଡ଼ିଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଭବିଷ୍ୟବାଣୀକୁ ସତ ପ୍ରମାଣିତ କରିଛନ୍ତି ଓଡ଼ିଶାବାସୀ । ସବୁ କଳ୍ପନାଜଳ୍ପନା ଓ ପୂର୍ବାନୁମାନକୁ ଭୁଲ୍ ପ୍ରମାଣିତ କରି ରାଜ୍ୟରେ ବିଜେପି ବିଜୟ ଧ୍ୱଜା ଉଡ଼ାଇଛନ୍ତି । ଦୀର୍ଘ ୨୪ବର୍ଷ ଧରି ନିରଙ୍କୁଶ କ୍ଷମତା ଉପଭୋଗ କରି ଚାଲିଥିବା ବିଜେଡିକୁ ରାଜ୍ୟବାସୀ କ୍ଷମତାଚ୍ୟୁତ କରି ବିଜେପିକୁ ରାଜ୍ୟରେ ଏକାକୀ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୭୪ ଆସନରେ ବିଜୟୀ କରାଇଛନ୍ତି । କେବଳ ବିଧାନସଭା ନୁହେଁ, ଲୋକସଭା ନିର୍ବାଚନରେ ମଧ ବିଜେପି ଅଭୂତପୂର୍ବ ସଫଳତା ହାସଲ କରିଛି । ବିଧାନସଭା ଓ ଲୋକସଭା ନିର୍ବାଚନରେ ବିଜେଡି ମାଟି କାମୁଡ଼ିଛି । ପ୍ରତିଟି ନିର୍ବାଚନରେ କାମ କରୁଥିବା ନବୀନ ମ୍ୟାଜିକ୍ ଏଥର ବିଫଳ ହୋଇଛି । ଓଡ଼ିଶାର ସଚେତନ ଭୋଟର ବିଜେଡି ହାତରୁ ଶାସନ ଡୋର ଛଡ଼ାଇ ବିଜେପିକୁ ଦେଇଛନ୍ତି । ବିଧାନସଭାର ୧୪୭ ଆସନରୁ ୭୮ଟି ଆସନରେ ବିଜେପି ବିଜୟୀ ହୋଇଥିବାବେଳେ ବିଜେଡିର ଆସନ ସଂଖ୍ୟା ୫୧ରେ ସୀମିତ ରହିଛି । କଂଗ୍ରେସ ୧୪ଟି ଆସନରେ ବିଜୟୀ ହୋଇଥିବାବେଳେ ଅନ୍ୟମାନେ ୪ଟି ଆସନ ଜିତିଛନ୍ତି । ବିଜେପିରୁ ଟିକଟ ନ ପାଇ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ୩ଜଣ ବିଜୟ ହାସଲ କରିଛନ୍ତି । ଲୋକସଭାର ୨୧ଟି ଆସନରୁ ବିଜେପି ୨୦ଟିରେ ବିଜୟୀ ହୋଇଛି । ଲୋକସଭାରେ ବିଜେଡିର ପ୍ରତିନିଧିତ୍ୱ ଶୂନ୍ୟ ହୋଇଥିବାବେଳେ କଂଗ୍ରେସ ଗୋଟିଏ ଆସନରେ ସନ୍ତୁଷ୍ଟ ହୋଇଛି । କଂଗ୍ରେସ କୋରାପୁଟ ଆସନ ବଜାୟ ରଖିବାରେ ସଫଳ ହୋଇଛି । ନିର୍ବାଚନରେ ବିଜେଡି ନେତାଙ୍କ ଅତ୍ୟଧିକ ଆତ୍ମବିଶ୍ୱାସ ଦଳ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ନବୀନ ପଟ୍ଟନାୟକଙ୍କ ପାଇଁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ସ୍ୱପ୍ନ ଅଧୁରା ରହିଯାଇଛି ।

## ସମ୍ବଲପୁର ଜିଲ୍ଲାର ୪ ଟି ବିଧାନସଭା ମଧରୁ ୨ଟି ଲେଖାଏଁରେ ବିଜେପି ଓ ବିଜେଡି

ସମ୍ବଲପୁର : ସମ୍ବଲପୁର ଜିଲ୍ଲାର ୪ଟି ବିଧାନସଭା ଆସନରୁ ଉଭୟ ବିଜେପି ଓ ବିଜେଡିକୁ ୨ଟି ଲେଖାଏଁ ଆସନ ମିଳିଥିବା ବେଳେ କଂଗ୍ରେସ ଏଥର ବି ଖାତା ଖୋଲିପାରି ନାହିଁ । ସମ୍ମାନଜନକ ସମ୍ବଲପୁର ବିଧାନସଭା ଆସନରୁ ଜୟନାରାୟଣ ମିଶ୍ର ପଞ୍ଚମଥର ପାଇଁ ନିର୍ବାଚିତ ହୋଇଛନ୍ତି । ଜୟ ନାରାୟଣଙ୍କୁ ୫୯,୮୨୭ ଭୋଟ ମିଳିଥିବା ବେଳେ ତାଙ୍କୁ ଟକ୍କର ଦେବାପାଇଁ ବିଜେଡି ପ୍ରାର୍ଥୀ କରିଥିବା ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ୫୫,୭୨୨ ଭୋଟ ମିଳିଛି । କଂଗ୍ରେସ ପ୍ରାର୍ଥୀ ଦୁର୍ଗା ପାଢ଼ୀ ମାତ୍ର ୧୦,୨୬୫ ଭୋଟ ପାଇଛନ୍ତି ।

ରେଢ଼ାଖୋଲ ବିଧାନସଭା କ୍ଷେତ୍ରରୁ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ୪,୯୬୦ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କୁ ପରାଜିତ କରିଛନ୍ତି । ଏଥିସହିତ ଗତ ୨ଟି ନିର୍ବାଚନରେ ପରାଜୟ ବରଣ କରିଥିବା ପ୍ରସନ୍ନ ଆଚାର୍ଯ୍ୟ ପୁଣି ବିଜୟଧାରାକୁ ଫେରିଛନ୍ତି । ତେବେ, ଆଶ୍ଚର୍ଯ୍ୟଜନକ ଭାବେ ବିଜେପିର ଦେବେନ୍ଦ୍ର ମହାପାତ୍ର ୫୬,୭୫୬ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ କଂଗ୍ରେସର ଆସଫ ଅଲ୍ଲୀ ଖାଁଙ୍କୁ ୩୭,୫୭୯ ଭୋଟ ମିଳିଛି ।

ରେଙ୍ଗାଲି ବିଧାନସଭା କ୍ଷେତ୍ରର ଇତିହାସରେ ପୁଣିଥରେ ପୁନରାବୃତ୍ତି ଘଟିଛି । ପ୍ରତିଥର ଭଳି ଏଥର ବି ରେଙ୍ଗାଲିବାସୀ ନିଜ ପ୍ରତିନିଧି ବଦଳାଇଛନ୍ତି । ଅଭିଜ୍ଞ ରାଜନେତା ତଥା ବର୍ତ୍ତମାନର ବିଧାୟକ ନାଉରୀ ନାୟକଙ୍କ ବଦଳରେ ନବାଗତ ସୁଦର୍ଶନ ହରିପାଲଙ୍କୁ ୩,୨୧୨ ଭୋଟ ବ୍ୟବଧାନରେ ଜିତାଇଛନ୍ତି । ଠିକା ଶ୍ରମିକରୁ ଜିଲ୍ଲା ପରିଷଦ ସଦସ୍ୟ ହୋଇଥିବା ସୁଦର୍ଶନ ଏବେ ବିଧାନସଭାରେ ପାଦ ଥାପିବେ । କଂଗ୍ରେସ ପ୍ରାର୍ଥୀ ଦିଲୀପ ଦୁରିଆଙ୍କୁ ମାତ୍ର ୯୩୬୫ ଭୋଟ ମିଳିଛି । କୁଚିଣ୍ଡା ବିଧାନସଭା କ୍ଷେତ୍ରର ବିଜେପି ପ୍ରାର୍ଥୀ ରବି ନାଏକ ବିଜେଡିର ରାଜେନ୍ଦ୍ର ଛତ୍ରିଆଙ୍କୁ ୩୨,୨୨୦ଭୋଟରେ ପରାଜିତ କରି ବଡ଼ ବିଜୟ ହାସଲ କରିଛନ୍ତି । ଏଥିସହିତ ସେ ଚତୁର୍ଥଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । କିଷାନ ଭୋଟକୁ ଆଖିଆଗରେ ରଖି ବିଜେଡି ବିଧାୟକ କିଶୋର ନାୟକଙ୍କ ବଦଳରେ କଂଗ୍ରେସରୁ ଆସିଥିବା ରାଜେନ୍ଦ୍ର ଛତ୍ରିଆଙ୍କୁ ପ୍ରାର୍ଥୀ କରିଥିଲା । କିଷାନ ଜାତିବହୁଳ କୁଚିଣ୍ଡା ବିଧାନସଭା କ୍ଷେତ୍ରରେ ଦ୍ୱିତୀୟ ଅଧିକ ଥିବା ଗୋଣ୍ଡ ଜାତିସମାଜର କର୍ମକର୍ତ୍ତାମାନେ ବି ଖୋଲାଖୋଲି ବିଜେଡିକୁ ସମର୍ଥନ ଘୋଷଣା କରିଥିଲେ । ହେଲେ, ଏହି ଜାତି ଗଣିତ ଏଥର କାମ ଦେଲାନାହିଁ । କଂଗ୍ରେସ ପ୍ରାର୍ଥୀ କେଦାରନାଥ ବରିହାଙ୍କୁ ୨୧,୨୮୫ ଭୋଟ ମିଳିଛି ।

## ପ୍ରଥମଥର ପରାଜୟ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଏହି ଅପ୍ରତ୍ୟାଶିତ ପରାଜୟ ସହିତ ଦେଶର ସର୍ବାଧିକ କାଳ ନବୀନ ମୁଖ୍ୟମନ୍ତ୍ରୀ ପଦରେ ରହିବାର ସ୍ୱପ୍ନ ଦେଖୁଥିବା ବିଜେଡି ନେତାଙ୍କ ଆଶା ଧୂଳିସାତ ହୋଇଯାଇଛି । ପୁନମ କୁମାର ଚାମଲେଙ୍ଗ ୨୪ବର୍ଷ ୧୬୫ଦିନ ସହିତ ଦେଶର ଦୀର୍ଘତମ ମୁଖ୍ୟମନ୍ତ୍ରୀ ରହିଥିବାବେଳେ ନବୀନ ପଟ୍ଟନାୟକ ୨୪ ବର୍ଷ ୯୧ଦିନ କ୍ଷମତାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଆଉ ୭୪ଦିନ କ୍ଷମତାରେ ରହିଥିଲେ ନବୀନ ଦେଶର ଦୀର୍ଘତମ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ । ମୁଖ୍ୟମନ୍ତ୍ରୀ ପଦରୁ ହଟିବା ପରେ ଦୀର୍ଘ ୨୫ବର୍ଷ ପରେ ରାଜ୍ୟବାସୀ ଜଣେ ନୂଆ ମୁଖ୍ୟମନ୍ତ୍ରୀ ଦେଖିବେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ଉପନିର୍ବାଚନରେ ଜିତିଥିଲେ, ନିର୍ବାଚନରେ ହାରିଲେ

ଭୁବନେଶ୍ୱର : ୨୦୧୯ ବିଧାନସଭା ନିର୍ବାଚନରେ ପିପିଲି ଆସନରୁ ପ୍ରଦୀପ ମହରଥୀ, ବୀରମହାରାଜପୁରରୁ କିଶୋର ମହାନ୍ତି, ଝାରସୁଗୁଡ଼ାରୁ ନବ ଦାସ, ଧାମନଗରରୁ ବିଷ୍ଣୁ ସେଠୀ ବିଜୟୀ ହୋଇଥିଲେ । ଶ୍ରୀ ମହାରଥୀ, ଶ୍ରୀ ମହାନ୍ତି, ଶ୍ରୀ ଦାସ ଓ ଶ୍ରୀ ସେଠୀଙ୍କ ପରଲୋକ ଘଟିବା ପରେ ଏହିସବୁ ନିର୍ବାଚନ ମଣ୍ଡଳୀରେ ଉପ ନିର୍ବାଚନ ହୋଇଥିଲା । ଏଥିରେ ପିପିଲିରୁ ପ୍ରଦୀପଙ୍କ ପୁଅ ରୁଦ୍ରପ୍ରତାପ ମହାରଥୀ, ବୀରମହାରାଜପୁରରୁ କିଶୋରଙ୍କ ପତ୍ନୀ ଅଳକା, ଝାରସୁଗୁଡ଼ାରୁ ନବଙ୍କ ଝିଅ ଦୀପାଳି ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ । ସେହିପରି ଧାମନଗରରୁ ବିଷ୍ଣୁଙ୍କ ପୁଅ ସୂରଜ ସୂର୍ଯ୍ୟବଂଶୀ ଉପନିର୍ବାଚନରେ ବିଜେପିରୁ ପ୍ରାର୍ଥୀ ହୋଇ ବିଜୟ ହାସଲ କରିଥିଲେ । ଉପନିର୍ବାଚନରେ ବିଜୟ ହାସଲ କରିଥିବା ପ୍ରାର୍ଥୀଙ୍କୁ ବିଜେଡି ଓ ବିଜେପିରୁ ସୁରଜ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ । ବିଜେଡିରୁ ପ୍ରାର୍ଥୀ ହୋଇଥିବା ଦୀପାଳିଙ୍କ ସହିତ ଅଳକା, ରୁଦ୍ରପ୍ରତାପଙ୍କୁ ସାଧାରଣ ନିର୍ବାଚନରେ ପରାଜୟ ଭୋଗିବାକୁ ପଡ଼ିଛି । ବିଜେଡି ପ୍ରାର୍ଥୀମାନେ ପରାଜିତ ହୋଇଥିବା ବେଳେ ସୂରଜ କିନ୍ତୁ ନିର୍ବାଚନରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡି ପ୍ରାର୍ଥୀଙ୍କୁ ପରାସ୍ତ କରି ପୁଣି ଥରେ ବିଜୟ ଟିକା ପିନ୍ଧିଛନ୍ତି । ସେହିପରି ଉପନିର୍ବାଚନରେ ପଦ୍ମପୁରରୁ ପ୍ରାର୍ଥୀ ହୋଇଥିବା ବିଜେଡିର ବର୍ଷାସିଂହ ବରିହା ସାଧାରଣ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ବିଜୟୀ ହୋଇଛନ୍ତି ।

# ସମ୍ବଲପୁର ଶୀତଳଷଷ୍ଠୀ ଶୁଭାରମ୍ଭ

ସମ୍ବଲପୁର : ସମ୍ବଲପୁରର ବିଶ୍ୱ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ସର୍ବପୁରାତନ ଶୀତଳଷଷ୍ଠୀ ଯାତ୍ରା କମିଟି ନନ୍ଦପଡ଼ାର ବବରାଡ଼ ବାଲୁଙ୍କେଶ୍ୱରଙ୍କ ପତରପେଁଡ଼ି ସହିତ ଆରମ୍ଭ ହୋଇଛି । ପଶ୍ଚିମ ଓଡ଼ିଶାର ଅନ୍ୟତମ ଗଣପର୍ବ





ଶୀତଳଷଷ୍ଠୀ ଯାତ୍ରାର ଆରମ୍ଭ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱରଙ୍କ ବରପିତା ରାମଚରଣ ମିଶ୍ର, ସପ୍ତଋଷି ବିଜୟ କୁମାର ମିଶ୍ର, କାମପାଳ ହୋତା, ଗୋଲକ ବିହାରୀ ମିଶ୍ର, ଅଶୋକ କୁମାର ମିଶ୍ର, ଚକ୍ରଧର ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର ଓ ଅମରେନ୍ଦ୍ର ପୂଜାରୀ ଏବଂ କମିଟି ସଦସ୍ୟଙ୍କ ସହିତ ବମ୍ବରାଡ଼ ବାଲୁଙ୍କେଶ୍ୱରଙ୍କ ବିବାହ ପାଇଁ ପାତ୍ରୀ (କନ୍ୟା) ଅନ୍ୱେଷଣରେ ନନ୍ଦପଡ଼ା ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରୁ ବାହାରିଥିଲେ । ବରପିତା ରାମ ଚରଣ ମିଶ୍ରଙ୍କୁ ଭଲ ପାତ୍ରୀର ଖବର ମିଳିବା ପରେ ପାରମ୍ପରିକ ଶଙ୍ଖ, ଘଣ୍ଟ, ଦୁଲଦୁଲି, ଧମାଲ ବାଜା, ଗୌର ବାଡ଼ି ନୃତ୍ୟ ଓ ଆକର୍ଷଣୀୟ ଡିଜିଟାଲ ଓ ପାରମ୍ପରିକ ଆଲୋକ ସଜ୍ଜା ମଧ୍ୟରେ ଏକ ସୁସଜ୍ଜିତ ରଥରେ ସପ୍ତର୍ଷି ଓ କମିଟି ସଦସ୍ୟଙ୍କ ସହ କନ୍ୟାପିତାମାତା ଚାରଭାଟିନିବାସୀ ସୁମନ୍ତ ପଣ୍ଡା ଓ ନିତିପ୍ରିୟା ଦେବୀଙ୍କ ବାସଭବନକୁ ପହଞ୍ଚିଥିଲେ । ବରପକ୍ଷ ପହଞ୍ଚିବା ପରେ କନ୍ୟାପକ୍ଷ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ । ଏହା ପରେ ବରପକ୍ଷ ସେମାନଙ୍କର ଆଗମନର ଅଭିପ୍ରାୟ କନ୍ୟାପକ୍ଷକୁ ଜଣାଇଥିଲେ । ବରପିତାଙ୍କ ସହିତ ଆସିଥିବା ସପ୍ତର୍ଷି ପବିତ୍ର ଶ୍ଳୋକ ଓ ମନ୍ତ୍ରୋଚ୍ଚାରଣ ସହିତ ବାଲୁଙ୍କେଶ୍ୱରଙ୍କ ମହିମା ଗାନ କରିଥିଲେ । ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ଶ୍ରୀ ଶ୍ରୀ ବାବା ବାଲୁଙ୍କେଶ୍ୱର ଓ ମାତା ପାର୍ବତୀଙ୍କର ଶୁଭ ବିବାହ ପ୍ରସ୍ତାବ ଚୂଡାନ୍ତ ହୋଇଥିଲା । ଏହା ପରେ ବରପିତା ରାମଚରଣ ମିଶ୍ର କନ୍ୟା ପିତା ସୁମନ୍ତ ପଣ୍ଡା ଓ ମାତା ନୀତିପ୍ରିୟା ଦେବୀଙ୍କୁ ସରଗିପତ୍ର ବିଡା, ବେଲପତ୍ର ଓ ପଦ୍ମ ଫୁଲ ଦେଇ ବିବାହ ପ୍ରସ୍ତାବ ଚୂଡାନ୍ତ କରିଥିଲେ । ସମ୍ପୂର୍ଣ୍ଣ ଲୋକାଚାର ନୀତିରେ ଅନୁଷ୍ଠିତ ହୋଇଥିଲା । ପତରପେଁଡ଼ି ରୀତିକୁ ପାର୍ବତୀଙ୍କ ଅଜା ବଟକୃଷ୍ଣ ପଣ୍ଡା, ଅନନ୍ତ ପ୍ରସାଦ, ସ୍ନେହଲତା, ଅଶୋକ, ଅଜନ୍ତା, ସନ୍ଦୀପ, ପ୍ରୀତି, ରିଦ୍ଧି, ପ୍ରଶାନ୍ତ, ଶ୍ୱେତଲିନାଙ୍କ ସମେତ ପରିବାରବର୍ଗ ଉପସ୍ଥିତିରେ ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର ସଂପନ୍ନ କରିଥିଲେ । ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟିର ସଭାପତି ଫଣିଭୂଷଣ ମିଶ୍ର, ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ର, ଉପସଭାପତି ଆଶିଷ ବାବୁ, ବିଷ୍ଣୁ ପ୍ରସାଦ ପାଢ଼ୀ, ପ୍ରଭୁଦତ୍ତ ପଣ୍ଡା, ରାଜୀବ ଲୋଚନ ମାଝୀ, ଭୁବନ ମୋହନ ମିଶ୍ର, ଅବିନାଶ ମିଶ୍ର, ସ୍ୱରୂପ ପାଢ଼ୀ, ସନ୍ତୋଷ ମିଶ୍ର, ସୁଶାନ୍ତ ଦାଶ, ବିଭୁତି ମିଶ୍ର, ବିରାଜ କୁମାର ମିଶ୍ର, ମାନସ ରଥ, ଲାଲ ଗୋପାଳ ନନ୍ଦ, ଶୁଭମ ମିଶ୍ର, ସୁଶ୍ରୀତ ମିଶ୍ର, ନିଗମାନନ୍ଦ ମିଶ୍ର, ଦିଲ୍ଲୀପ ମିଶ୍ର, ଆଶୁତୋଷ ମିଶ୍ର, ସୁନୀଲ କୁମାର ତ୍ରିପାଠୀ, ଶିବ ମିଶ୍ର, ଜିତେନ୍ଦ୍ର ନନ୍ଦ, ପ୍ରଶାନ୍ତ ଦାଶ, ସନତ ନନ୍ଦ, ନିହାର ମିଶ୍ର, ଦୁର୍ଗାମାଧବ ମିଶ୍ର, ସୁମନ ସାଗର ମିଶ୍ର, ବାଲ ଗୋପାଳ ନନ୍ଦ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଗତ ଶୁକ୍ରବାର ଦିନ ନୃସିଂହ ମହାପ୍ରଭୁ ଏକ ଶୋଭାଯାତ୍ରାରେ ସହରର ବିଭିନ୍ନ ମନ୍ଦିରକୁ ଯାଇ ଦେବାଧିଦେବ ମହାଦେବଙ୍କ ବିବାହରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲେ ।

# ଏମ୍‌ସିଏଲ୍‌ରେ ବିଶ୍ୱ ପରିବେଶ ଦିବସ



ବୁର୍ଲା : ମହାନଦୀ କୋଲଫିଲ୍ଡସ ଲିମିଟେଡରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ କାଓଲେଙ୍କ ଦ୍ୱାରା ଉତ୍ସାହ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଆଗାମୀ ପିଢ଼ିଙ୍କ ପାଇଁ ସବୁଜ ପରିବେଶ କରିବା









ନେଇ କମ୍ପାନିର ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ । ଏମସିଏଲ ବୈଷୟିକ ପ୍ରକଳ୍ପ ଓ ପ୍ଲାନିଂ ନିର୍ଦ୍ଦେଶକ ଏ.ଏସ୍. ବାପତ କୋଲ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷଙ୍କ ବାର୍ତ୍ତା ପାଠ କରିଥିଲେ । କାର୍ଯ୍ୟକ୍ରମରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି କେ ପଟେଲ, ବିତ୍ତ ନିର୍ଦ୍ଦେଶକ ଏ. କେ ବେହୁରା ଏବଂ ବିଭିନ୍ନ ବିଭାଗର ମୁଖ୍ୟମାନେ ଯୋଗ ଦେଇଥିଲେ । ସବୁଜ ପରିବେଶ ଗଠନ କରିବା ପାଇଁ ମୁଖ୍ୟାଳୟ ପରିସରରେ ସିଏମ୍‌ଡିଙ୍କ ସମେତ ଅଧିକାରୀମାନେ ଚାରା ରୋପଣ କରିଥିଲେ ।

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପରିବେଶ ଦିବସ

ସମ୍ବଲପୁର : ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଶାଖା ସମ୍ବଲପୁର ପକ୍ଷରୁ ଆଞ୍ଚଳିକ ଅଧିକାରୀ ଡକ୍ଟର ସତ୍ୟନାରାୟଣ ନନ୍ଦଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏଥିରେ ଉତ୍କଳ




ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଶାନ୍ତ କୁମାର ବଡ଼ମାଳୀ ମୁଖ୍ୟଅତିଥି ଓ ହିଣ୍ଡାଲକୋର ଅବସରପ୍ରାପ୍ତ ମୁଖ୍ୟ ସୁଶାନ୍ତ କୁମାର ଗୁରୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୁନି କୁନି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ପରିବେଶର ଭୂମିକା ଓ ସଚେତନତା ବାବଦରେ ଉଦ୍‌ବୋଧନ ଦେଇଥିଲେ । ଉପ ପରିବେଶ ଯନ୍ତ୍ରୀ ବିଶ୍ୱକାନ୍ତ ପ୍ରଧାନ, ଉପ ପରିବେଶ ବୈଜ୍ଞାନିକ ଅଂଶୁମାନ କୁସୁମ ମିଞ୍ଜ, ସହ ପରିବେଶ ବୈଜ୍ଞାନିକ ମନୋରଞ୍ଜନ ପ୍ରଧାନ, ଉପ ପରିବେଶ ଯନ୍ତ୍ରୀ ରାକେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦିଆଯାଇଥିଲା ।

# ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ପୁଣି ଜିତିଲେ



ସୁନ୍ଦରଗଡ : ସୁନ୍ଦରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ସାଂସଦ ତଥା ବିଜେପି ପ୍ରାର୍ଥୀ ଜୁଏଲ ଓରାମ ପୁନର୍ବାର ବିଜୟୀ ହୋଇଛନ୍ତି । ଜୁଏଲ ବିଜେଡି ପ୍ରାର୍ଥୀ ଦିଲୀପ ତିର୍କୀଙ୍କୁ ୧,୩୮,୮୦୮ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି । ଜୁଏଲଙ୍କୁ ୪, ୪୯,୨୮୨ ଭୋଟ ମିଳିଥିବା ବେଳେ ଦିଲ୍ଲୀପଙ୍କୁ ୩,୫୫,୪୭୪ ଭୋଟ ମିଳିଛି । କଂଗ୍ରେସ ପ୍ରାର୍ଥୀ ୨,୬୧,୯୮୬ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି । ସେହିପରି କମ୍ୟୁନିଷ୍ଟ ପ୍ରାର୍ଥୀ କୃଷ୍ଟିନ ଲୁଗୁନଙ୍କୁ ୯୧୪୧, ସ୍ୱାଧୀନ ପ୍ରାର୍ଥୀ ଜଗବନ୍ଧୁ ଓରାମଙ୍କୁ ୬୦୨୭, ନ୍ୟାସନାଲ ଅପନି ପାର୍ଟି ପ୍ରାର୍ଥୀ ସୁମନ୍ତ କୁମାର ସୋରେଙ୍ଗଙ୍କୁ ୪୦୫୨, ନବଭାରତ ନିର୍ମାଣ ସେବା ପାର୍ଟିର ସନ୍ତୋଷ ଜୁରାଙ୍କୁ ୩୯୮୧, ଝାଡ଼ଖଣ୍ଡ ପାର୍ଟିର ପରୁଆ ଏକ୍କାଙ୍କୁ ୩୦୩୩ ଭୋଟ ମିଳିଛି । ନୋଟାରେ ୧୭, ୮୦୧ ଭୋଟ ପଡ଼ିଛି ।

# ଦୁଇ ଭାଇ ନିରଞ୍ଜନ ଓ ସୌମ୍ୟ ହାରିଲେ

ଭୁବନେଶ୍ୱର : ବରିଷ୍ଠ ନେତା ତଥା ଦୁଇ ଭାଇ ନିରଞ୍ଜନ ପଟ୍ଟନାୟକ ଏବଂ ସୌମ୍ୟରଂଜନ ପଟ୍ଟନାୟକ ଏଥର ନିର୍ବାଚନ ଲଢୁଥିଲେ । ତେବେ ଦୁଇ ଭାଇ ପରାସ୍ତ ହୋଇଛନ୍ତି । କଂଗ୍ରେସରୁ ନିରଞ୍ଜନ ପଟ୍ଟନାୟକ ଭଦ୍ରକ ଜିଲ୍ଲା ଭଣ୍ଡାରି ପୋଖରୀ ଆସନରେ ଲଢୁଥିବା ବେଳେ ତାଙ୍କୁ ବିଜେଡିର ସଞ୍ଜୀବ ମଲ୍ଲିକ ପରାସ୍ତ କରିଛନ୍ତି ।





ସେହିଭଳି ଘସିପୁରାର ଆସନରେ ସ୍ୱାଧୀନ ପ୍ରାର୍ଥୀଭାବେ ସୌମ୍ୟରଂଜନ କେନ୍ଦୁଝରର ଘସିପୁରା ଆସନରେ ଲଢୁଥିବା ବେଳେ ତାଙ୍କୁ ବିଜେଡି ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ର ହରାଇଛନ୍ତି । ବଦ୍ରି ନାରାୟଣଙ୍କୁ ୮୨ ହଜାର ୫୧୬ ଖଣ୍ଡ ଭୋଟ ମିଳିଥିବା ବେଳେ ସୌମ୍ୟରଂଜନଙ୍କୁ ୬୮ ହଜାର ୭୦୫ ଖଣ୍ଡ ଭୋଟ ମିଳିଛି ।

# ତିନି ପ୍ରମୁଖ ରାଜନୈତିକ ଦଳର ସଭାପତି ହାରିଲେ

ଭୁବନେଶ୍ୱର : ଏଥର ନିର୍ବାଚନରେ ରାଜ୍ୟର ୩ ପ୍ରମୁଖ ଦଳର ରାଜ୍ୟ ସଭାପତି ହାରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ରାଜନୈତିକ ଜୀବନରେ ପ୍ରଥମଥର



ପାଇଁ ପରାଜୟକୁ ସାମ୍ନା କରିଛନ୍ତି । ଆଜି ପର୍ଯ୍ୟନ୍ତ ଅପରାଜେୟ ଥିବା ନବୀନ ଏଥର ନିର୍ବାଚନରେ ଫେଲ୍ ମାରିଛନ୍ତି । ବିଜେପିର ଲକ୍ଷ୍ମଣ ବାଗ୍‌ଙ୍କ ଠାରୁ ସେ ପରାଜିତ ହୋଇଛନ୍ତି । ଏହା ସମସ୍ତ ରାଜନୈତିକ ପୂର୍ବାନୁମାନ ଓ ଆକଳନକୁ ଓଲଟପାଲଟ କରି ଦେଇଛି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥର ଦୁଇଟି ଆସନରୁ ନିର୍ବାଚନ ଲଢୁଥିଲେ । ପାରମ୍ପରିକ ଆସନ ହିଞ୍ଜିଳି ସମେତ କଣ୍ଟାବାଞ୍ଜିରୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ନବୀନଙ୍କୁ ଏହି ଆସନରୁ ଛିଡ଼ା କରି ବଲାଙ୍ଗୀର ଲୋକସଭା ଆସନ ସମେତ ପୁରା ପଶ୍ଚିମ ଓଡ଼ିଶାରୁ ବିଜେଡି ପାଇଁ ଭୋଟ୍ ଭିଡ଼ିବାକୁ ଯୋଜନା ହୋଇଥିଲା । ହେଲେ କଣ୍ଟାବାଞ୍ଜିରେ ସେ ଝୁଣ୍ଟିଛନ୍ତି । ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗ୍‌ଙ୍କ ଠାରୁ ସେ ପ୍ରାୟ ୧୪ହଜାର ୨୯୯ ଖଣ୍ଡ ଭୋଟ୍‌ରେ ବିଜେପି ପ୍ରାର୍ଥୀଙ୍କଠାରୁ ହାରିଛନ୍ତି । ଲକ୍ଷ୍ମଣ ବାଗ୍ ୮୦ହଜାର ୪୩୬ ଭୋଟ୍ ପାଇଥିବା ବେଳେ ନବୀନ ୬୬ହଜାର ୧୩୭ ଭୋଟ ପାଇଛନ୍ତି । ଏଠାରୁ କଂଗ୍ରେସ ବିଧାୟକ ଥିବା ସନ୍ତୋଷ ସିଂ ସାଲୁଜା ମାତ୍ର ୨୪ ହଜାର ୭୧୩ ଖଣ୍ଡ ଭୋଟ୍ ପାଇଛନ୍ତି ।

ହିଞ୍ଜିଳି ଆସନରେ ନବୀନ କଡା ଟକ୍କରକୁ ସାମ୍ନା କରିଥିଲେ । ବିଜେପିର ଶିଶିର କୁମାର ମିଶ୍ରଙ୍କୁ ୪୬୪୯ ଭୋଟ୍‌ରେ ହରାଇ ବିଜୟୀ ହୋଇଛନ୍ତି ନବୀନ । ମୁଖ୍ୟମନ୍ତ୍ରୀ ୬୬ ହଜାର ୩୫୮ ଭୋଟ୍ ପାଇଥିବାବେଳେ ବିଜେପି ପ୍ରାର୍ଥୀ ଶିଶିର କୁମାର ମିଶ୍ର ୬୧ହଜାର ୭୦୯ ଭୋଟ ହାତେଇଛନ୍ତି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅଳ୍ପ ଭୋଟ୍ ବ୍ୟବଧାନରେ ହାରି ଯାଇଛନ୍ତି । ବିଜେଡି ପ୍ରାର୍ଥୀ ବ୍ୟୋମକେଶ ରାୟଙ୍କ ଠାରୁ ମାତ୍ର ୧୯୨୨ ଖଣ୍ଡ ଭୋଟ୍‌ରେ ହାରି ଯାଇଛନ୍ତି ମନମୋହନ । ସେ ୮୦ହଜାର ୨୩୭ ଭୋଟ୍ ପାଇଥିବା ବେଳେ ବ୍ୟୋମକେଶ ୮୨ହଜାର ୧୫୯ ଭୋଟ୍ ପାଇଛନ୍ତି ।

ସେହିଭଳି ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ବି ପରାଜୟ ବରଣ କରିଛନ୍ତି । ନୂଆପଡ଼ାରୁ ପ୍ରତିଦ୍ୱନ୍ଦିତା କରିଥିବା ଶରତ ଚତୁର୍ଥ ସ୍ଥାନରେ ରହିଛନ୍ତି । ସେ ମୋଟ ୧୫ହଜାର ୫୦୧ ଭୋଟ ପାଇଛନ୍ତି । ଏହି ଆସନରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଓ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝିଙ୍କ ଭିତରେ କଡ଼ା ଟକ୍କର ହୋଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra